## ‘ଫୁଲକୋବି ଖିରି’

**ପରିବାରୁ ବି ହୋଇପାରେ ଖିରି। ଫୁଲକୋବି ସହାଯ୍ୟରେ ଆପଣ ଏହି ମିଠା ଖାଦ୍ୟଟି ପ୍ରସ୍ତୁତ କରିପାରିବେ। ତେବେ ଏହି ଖାଦ୍ୟଟି କେମିତି ପ୍ରସ୍ତୁତ କରାଯିବ ଜାଣନ୍ତୁ।**

ଆବଶ୍ୟକ ସାମଗ୍ରୀ: କ୍ଷୀର, କାଜୁ, ପିସ୍ତା, କିସ୍ମିସ୍, ଫୁଲକୋବି, ଚିନି, ମିଲ୍କମେଡ୍ ଲୁଣ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଫୁଲକୋବିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏବେ କଡେଇରେ ଘିଅ ଗରମ କରି କଟା କୋବିରେ ଲୁଣ ପକାଇ ଭାଜି ଦିଅନ୍ତୁ। ଏହାପରେ କଡେଇରେ କ୍ଷୀରକୁ ଫୁଟାଇ ସେଥିରେ ଚିନି ପକାନ୍ତୁ। କ୍ଷୀର ଭଲ ଭାବେ ଫୁଟିଯିବା ପରେ ସେଥିରେ ଫୁଲକୋବି ଭଜା ପକାନ୍ତୁ। ଏହାପରେ ଏଥିରେ ମିଲ୍କମେଡ୍, କାଜୁ, ପିସ୍ତା, କିସମିସ୍ ପକାଇ ୫ ରୁ ୧୦ ମିନିଟ୍ ଫୁଟାନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ‘ଫୁଲକୋବି ଖିରି’।



### ଖବର

## କ୍ଷମାଶୀଳ ଭଗବାନ ବୁଦ୍ଧ



ଥରେ ଗୌତମ ବୁଦ୍ଧ ଉପଦେଶ ଦେଉଥାନ୍ତି-ମନୁଷ୍ୟ ଧରିତ୍ରୀ ମାତା ଭଳି କ୍ଷମାଶୀଳ ହେବା ଉଚିତ। କ୍ରୋଧ ଏକ ପ୍ରକାରର ଅଗ୍ନି । ତା’ଠାରୁ ଦୂରେଇ ରହିବା ରହିବା ଉଚିତ୍ । ନଚେତ୍ ଏହି ଅଗ୍ନି ଅନ୍ୟକୁ ଜଳାଇବା ସହ ନିଜକୁ ମଧ୍ୟ ଜଳାଇ ଦେଇଥାଏ । ବୁଦ୍ଧଙ୍କ ଏହି ଉପଦେଶ ଜଣେ କ୍ରୋଧୀ ବ୍ୟକ୍ତି ଶୁଣୁଥିଲା । କ୍ରୋଧ ବିରୋଧରେ ଉପଦେଶ ଲୋକଟିଙ୍କୁ ଭଲ ଲାଗିଲା ନାହିଁ । ସେ ଛିଡ଼ା ହୋଇ କହିଲା, ହେ କପଟୀ ! ବଡ଼ ବଡ଼ କଥା କହୁଛୁ । ତୁ ଜନତାଙ୍କ ବ୍ୟବହାର ବିରୋଧରେ କଥାବାର୍ତ୍ତା କରୁଛୁ । ଲୋକଟିର କଥା ଶୁଣି ବୁଦ୍ଧ ଶାନ୍ତ ରହିଲେ । ଲୋକଟି ଅଧିକ ରାଗିଗଲା ଏବଂ ବୁଦ୍ଧଙ୍କ ପାଖକୁ ଆସି ତାଙ୍କୁ ଛେପ ପକାଇଲା । ପରଦିନ ବୁଦ୍ଧ ନିଜ ଶିଷ୍ୟମାନଙ୍କ ସହ ଅନ୍ୟ ଏକ ଗ୍ରାମକୁ ଚାଲିଗଲେ । ଅପରପକ୍ଷରେ ଉକ୍ତ କ୍ରୋଧୀ ଲୋକଟି ସେତେବେଳକୁ ଶାନ୍ତ ହୋଇ ସାରିଥିଲା । ସେ ନିଜ କର୍ମ ପାଇଁ ପଶ୍ଚାତାପ କରୁଥିଲା । ସେ ବୁଦ୍ଧଙ୍କ ସନ୍ଧାନରେ ବାହାରିଗଲା । ଶେଷରେ ବୁଦ୍ଧ ଯେଉଁ ଗ୍ରାମରେ ଉପଦେଶ ଦେଉଥିଲେ, ସେଠାରେ ଲୋକଟି ପହଞ୍ଚିଲା । ଲୋକଟି ଯାଇ ବୁଦ୍ଧଙ୍କ ପାଦ ତଳେ ପଡ଼ିଗଲା ଏବଂ କହିଲା, ମୋତେ କ୍ଷମା କରି ଦିଅନ୍ତୁ । ବୁଦ୍ଧ କହିଲେ, କ’ଣ ହେଲା ? ତୁମେ କିଏ ? କ୍ରୋଧୀ ଲୋକଟି ଆଶ୍ଚର୍ଯ୍ୟ ସହକାରେ କହିଲା, ଆପଣ ଭୁଲି ଯାଇଛନ୍ତି, ମୁଁ ସେହି ଦୁଷ୍ଟ ଯିଏ ଆପଣଙ୍କ ମୁହଁରେ ଛେପ ପକାଇଥିଲା । ନିଜର ଦୁଷ୍ଟ ଆଚରଣ ପାଇଁ ମୁଁ କ୍ଷମା ପ୍ରାର୍ଥନା କରୁଛି । ବୁଦ୍ଧ କହିଲେ, କାଲି କଥା ତ’ ମୁଁ କାଲିରେ ହିଁ ଛାଡ଼ି ଆସିଛି । କିନ୍ତୁ ତୁମେ ଏପର୍ଯ୍ୟନ୍ତ ସେଇଠି ଅଛ । ତୁମେ ଏଯାଏଁ ଆଜିରେ ପ୍ରବେଶ କରି ନାହଁ କାଲି କଥା ଭାବି ବ ତ’ ତୁମର ଆଜି ନଷ୍ଟ ହୋଇଯିବ । ସବୁ ଖରାପ କଥାକୁ ଯଦି ମନେ ରଖାଯାଏ, ତେବେ ବର୍ତ୍ତମାନ ଏବଂ ଭବିଷ୍ୟତ ଅଟକି ଯିବ । ଏମିତି ଜୀବନ କିପରି ଚାଲିବ ତୁମେ ବି ଆଜିକୁ ଚାଲିଆସ । ଲୋକଟି ବୁଦ୍ଧଙ୍କ କଥାର ମର୍ମ ବୁଝିପାରି ତାଙ୍କ ଶରଣାପନ୍ନ ହେଲା ।

### ଚକ୍ଷୁର ଯତ୍ନ



ଆଳୁରେ ପାଣି ଭାଗ ରହିବା ସହ ଭିଟାମିନ ସି ଓ ପୋଟାସିୟମ ଅଧିକ ପରିମାଣରେ ଥାଏ। ଏହାକୁ ନିୟମିତ ୧୦ ରୁ ୧୫ ମିନିଟ ଲଗାଇଲେ ଆଖି ପାଇଁ ଖୁବ ଲାଭଦାୟକ ଅଟେ। ଆଖିରେ ବିଶେଷ କରି ଆଖିର ତଳ ଭାଗରେ ଗୋଲାପ ଜଳକୁ ତୁଳା ସାହାଯ୍ୟରେ ବ୍ୟବହାର କରିବା ଦ୍ୱାରା ଆଖି କୁଣ୍ଡାଇ ହେବା, ଲାଲ ହେବା ଭଳି ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ। କାକୁଡ଼ିରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଥାଏ। ଏହା ଆଖିର ଥକ୍କାପଣ ଦୂର କରିଥାଏ। ଆଖି ତଳର କଳା ଦାଗ ଦୂର କରିବା ସହ ଏହାର ସୌନ୍ଦର୍ଯ୍ୟ ବଢାଇଥାଏ। କାକୁଡ଼ିକୁ ଗୋଲ ଆକୃତିର ଦୁଇଫାଳ କାଟି ନିୟମତି ୧୫ ରୁ ୨୦ ମିନିଟ ଆଖି ଉପରେ ରଖନ୍ତୁ। ଆଖି ପାଇଁ ଏହା ଖୁବ ଲାଭଦାୟକ। ଲିଚୁ ଖାଇବା ପାଇଁ ଯେପରି ସ୍ୱାଦିଷ୍ଟ ଅଟେ। ସେପରି ଆଖି ପାଇଁ ମଧ୍ୟ ଲାଭଦାୟକ ଅଟେ। ଏଥିରେ ଥିବା ଆଣ୍ଟି-ଅକ୍ସାଇଡ ଆଖିର ଦାଗ ଦୂର କରିବା ସହ ଏହାର ଉଜ୍ଜ୍ୱଳତା ବଢାଇଥାଏ।ଏହାକୁ ଦୁଇଫାଳ କରି ଆଖିରେ ଲଗାଇ ୨୦ ରୁ ୩୦ ମିନିଟ ରଖିଲେ ଏହା ଆଖି ପାଇଁ ଖୁବ ଉପକାରୀ ହୋଇଥାଏ।

## କଦଳୀ ବୃକ୍ଷକୁ କରନ୍ତୁ ପୂଜା

ଗୁରୁବାର ଦିନ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ମାନ୍ୟତା ଅନୁଯାୟୀ ଗୁରୁବାର ଦିନ ଏପରି କାର୍ଯ୍ୟ ରହିଛି ଯାହାକୁ କରିବା ଅନୁଚିତ। ସେହି ବର୍ଜନୀୟ କାର୍ଯ୍ୟ କରିବା ଦ୍ୱାରା ଜାତକରେ ପ୍ରଭାବ ପଡ଼ିଥାଏ, ଯାହା ଦ୍ୱାରା ଜୀବନରେ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଜାଣନ୍ତୁ...

ମାନ୍ୟତା ଅନୁଯାୟୀ ଗୁରୁବାର ଦିନ ମହିଳା ନିଜ କେଶ ସଫା କରିବା ଉଚିତ ନୁହେଁ। କେଶ କାଟିବା ଉଚିତ ନୁହେଁ, ଏପରି କାର୍ଯ୍ୟ କରିବା ଦ୍ୱାରା ଜାତକରେ ବୃହସ୍ପତି ଦୁର୍ବଳ ହୋଇଥାଅ।ନ୍ତି, ଦାମ୍ପତ୍ୟ ଜୀବନରେ ସମସ୍ୟା ସୃଷ୍ଟି ହୋଇଥାଏ। ଘରର ଉନ୍ନତିରେ ବାଧା ସୃଷ୍ଟି ହୋଇଥାଏ।

ଗୁରୁବାର ଦିନ କଦଳୀ ଖାଇବା ଉଚିତ ନୁହେଁ। ଏହି ଦିନ କଦଳୀ ବୃକ୍ଷର ପୂଜାର୍ଚ୍ଚନା କରାଯାଇଥାଏ।



ଏହାସହ ଏହି ଦିନ ଘରେ ଅଧିକ ଓଜନିଆ ବସ୍ତ୍ର ଧୁଅନ୍ତୁ ନାହିଁ।

ପ୍ରତିଦିନ ଭଳି ଗୁରୁବାର ମଧ୍ୟ ଘରକୁ ସଫା କରନ୍ତୁ।

ଗୁରୁବାର ଦିନ ନଖ କାଟନ୍ତୁ ନାହିଁ। ଦାଢି ମଧ୍ୟ ବନାନ୍ତୁ ନାହିଁ। ଏପରି କରିବା ଦ୍ୱାରା ଅଶୁଭ ଫଳ ପ୍ରାପ୍ତି ହୋଇଥାଏ।

ଗୁରୁବାର ଦିନ କଦଳୀ ବୃକ୍ଷ ମୂଳରେ ଜଳ ଅର୍ପଣ କରନ୍ତୁ। ଦେଶୀ ଘିଅରେ ଦୀପ ଲଗାନ୍ତୁ। ଏପରି କରିବା ଦ୍ୱାରା ଶୀଘ୍ର ବିବାହ ହେବା ସହ ବିବାହରେ ଥିବା ସମସ୍ୟା ଦୂର ହୋଇଥାଏ।

ବୃହସ୍ପତିଙ୍କୁ ହଳଦିଆ ରଙ୍ଗକୁ ଅତିପ୍ରିୟ। ସେ ହଳଦିଆ ରଙ୍ଗର ପାଟବସ୍ତ୍ର ଧାରଣ କରନ୍ତି। ପୂଜାରେ ହଳଦୀ ବ୍ୟବହାର କରନ୍ତୁ। କେସର ଚନ୍ଦନ ଓ ହଳଦୀ ଦାନ କରନ୍ତୁ। ଏହାଦ୍ୱାରା ଘରେ ସୁଖଶାନ୍ତି ସର୍ବଦା ରହିଥାଏ।

## ନିଜ ଘରର ପରିବେଶକୁ ରଖନ୍ତୁ ସ୍ୱାସ୍ଥ୍ୟକର

ପ୍ରଦୂଷିତ ପରିବେଶ ଯୋଗୁ ଲୋକମାନେ ଅଧିକ ରୋଗର ଶିକାର ହେଉଛନ୍ତି। ଏଥିରୁ ମୁକ୍ତି ପାଇବା ପାଇଁ ନାନା ପ୍ରକାରର ଔଷଧ ମଧ୍ୟ ଖାଉଛନ୍ତି। ହେଲେ ଆପଣ ଜାଣିନଥିବେ ଯେ କେବଳ ବାହାରର ପ୍ରଦୂଷଣ ନୁହେଁ ବରଂ ଆପଣଙ୍କ ଘରର ଦୂଷିତ ବାତାବରଣ ବି ଆପଣଙ୍କୁ ରୋଗରେ ପକାଇପାରେ। ତେବେ ଆଜି ଆମେ ଆପଣଙ୍କୁ କିଛି ଟିପ୍ସ ଦେବୁ ଯାହାକୁ ଆପଣାଇ ଆପଣ ନିଜ ଘରକୁ ଏକ ସ୍ୱାସ୍ଥ୍ୟକର ବାତାବରଣ ଦେଇପାରିବେ। ଘରକୁ ସବୁଦିନ ଝାଡୁ ମାରନ୍ତୁ। ବିଶେଷ କରି ଘରର କୋଣ ଗୁଡ଼ିକୁ ଭଲଭାବେ ସଫା କରନ୍ତୁ। ପ୍ରତ୍ୟେକ ସପ୍ତାହରେ ଘର ଝାଡ ଝୁଡି କରନ୍ତୁ। କାର୍ପେଟ୍, ପରଦା, ସୋଫା କଭର ସହ ଅନ୍ୟାନ୍ୟ କଭର ଗୁଡ଼ିକୁ ସପ୍ତାହରେ ଥରେ ସଫା କରନ୍ତୁ। ପ୍ରତ୍ୟେକ ଦିନ ବେଡସିଟ୍ ବଦଳାନ୍ତୁ ଓ ତାକୁ ଧୋଇଦିଅନ୍ତୁ। ବିଶେଷ କରି ଯଦି ଆପଣଙ୍କର ଗୃହପାଳିତ ପଶୁ ଅଛି ତାକୁ ଓ ତାର ବ୍ୟବହୃତ ଜିନିଷ ଗୁଡ଼ିକୁ ମଧ୍ୟ ସଫା ରଖନ୍ତୁ। ପ୍ରତ୍ୟେକ ଦିନ ପାଣିରେ ଆଣ୍ଟିସେପ୍ଟିକ ଲିକ୍ୟୁଇଡ୍ ପକାଇ ଘରର ଚଟାଣ ସଫା କରନ୍ତୁ।



ଭବାଥରୁମ ସଫା ରଖନ୍ତୁ: ବାଥରୁମକୁ ସବୁବେଳେ ସଫା ରଖନ୍ତୁ। ବାଥରୁମରେ ଏକ ଏକ୍ଜଷ୍ଟ ଫ୍ୟାନ୍ ଲଗାନ୍ତୁ। ଏହା ଦ୍ୱାରା ବାଥରୁମରେ ଦୂଷିତ ବାୟୁ ଘର ଭିତରକୁ ପ୍ରବେଶ କରିପାରିବ ନାହିଁ। ଏଥିସହ ବାଥରୁମ୍ ଭିତରେ ଅଧିକ ସମୟ ରହିଲେ ମଧ୍ୟ ଅଣନିସ୍ୱାସୀ ଲାଗିବ ନାହିଁ।

ଭ ଘରେ ଧୂମପାନ କରନ୍ତୁ ନାହିଁ: ଧୂମପାନ ଶରୀର ପାଇଁ କେତେ ହାନିକାରକ ଏ କଥା ତ ସମସ୍ତେ ଜାଣନ୍ତି। ଆପଣ ଜାଣନ୍ତି କି ଧୂମପାନ କରୁଥିବା ବ୍ୟକ୍ତି ପାଇଁ ଏହା ଯେତେ କ୍ଷତି କରେ ଏହି ଧୂଆଁ ତାଙ୍କ ଆଖପାଖରେ ଥିବା ବ୍ୟକ୍ତିଙ୍କର ମଧ୍ୟ ସେତିକି କ୍ଷତି କରେ। ତମାଖୁର ଧୂଆଁ ଘରର ବାତାବରଣକୁ ଦୂଷିତ କରିଦିଏ। ଯାହାକି ଛୋଟପିଲାମାନଙ୍କ ପାଇଁ ବହୁତ କ୍ଷତିକାର।

ଭ ରୋଷେଇ ଘରେ ପରିବର୍ତ୍ତନ କରନ୍ତୁ: ରାନ୍ଧିବା ସମୟରେ, ରନ୍ଧନ ଧୂଆଁରୁ ମୁକ୍ତି ପାଇବା ପାଇଁ ଘରର ଝରକା ସବୁ ଖୋଲା ରଖନ୍ତୁ। ରୋଷେଇ ଘରେ ଏକଜିଷ୍ଟ ଫ୍ୟାନ୍ କିମ୍ବା ଚିମିନି ଲଗାନ୍ତୁ, ଏହା ଦୂଷିତ ବାୟୁକୁ ନିଷ୍କାସିତ କରିବ। ନିୟମିତ ରୋଷେଇ ଘରକୁ ସଫା କରନ୍ତୁ। ପରିବା ଚୋପା ଓ ଅଇଁଠାକୁ ଏଣେ ତେଣେ ନ ପକାଇ ଘୋଡ଼ଣୀ ଥିବା ଡଷ୍ଟବିନରେ ପକାନ୍ତୁ। ଆଉ ପ୍ରତ୍ୟେକ ଦିନ ଡଷ୍ଟବିନକୁ ଖାଲି କରନ୍ତୁ।

ଭ ଉତ୍କଟ ସୁଗନ୍ଧଯୁକ୍ତ ଦ୍ରବ୍ୟରୁ ଦୂରେଇ ରୁହନ୍ତୁ: ରୁମ୍ ଫ୍ରେସନର, କୀଟନାଶକ ପ୍ରତିରୋଧକ ଯେପରିକି ମଶାଧୂପ, ଅତର, ଅତ୍ୟଧିକ ବାସ୍ନା ହେଉଥିବା ଓ ଧୂଆଁ ବାହାରୁଥିବା ଧୂପ କାଠି ଫିନାଇଲ୍ ବ୍ୟବହାର କମ୍ କରନ୍ତୁ। ଏସବୁ ଆଲର୍ଜି କରିପାରେ ଓ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି କରିପାରେ।



ଭ ଇନଡୋର ପ୍ଲାଣ୍ଟ ରଖନ୍ତୁ: ଏକ ଗବେଷଣାରୁ ଜଣାପଡ଼ିଛି ଯେ, ବାୟୁକୁ ଶୁଦ୍ଧ କରିବାରେ ଇନଡୋର ପ୍ଲାଣ୍ଟଗୁଡ଼ିକର ବହୁତ ବଡ଼ ଭୂମିକା ରହିଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ ଏହି ପ୍ଲାଣ୍ଟଗୁଡ଼ିକ ଆମ ଘର ଭିତରୁ ବେନଜେନ, ଫର୍ମାଲଡିହାଇଡ୍, ଟ୍ରାଇକ୍ଲୋରେଥାଇଲନ୍, ଜାଇଲିନ୍, ଏବଂ ଆମୋନିୟା ଭଳି ବିଶାକ୍ତ ଗ୍ୟାସକୁ ବାହାର କରି କିଛି ଘରକୁ ବିଶୁଦ୍ଧ କରେ।

## ଘର ସଜାଇବାର ଉପାୟ

ଘରର ବାତାବରଣ ସୁବବେଳେ କିପରି ସୁସ୍ଥ ରହିବ ତା’ ପାଇଁ କିଛି ନିର୍ଦ୍ଦିଷ୍ଟ ନିୟମ ମାନିବାକୁ ପଡ଼ିଥାଏ। କିନ୍ତୁ ହାଠାତ ଯେତେବେଳେ ଘରେ କେଉଣସି କାରଣ ନଥାଇ କଳହ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି



ହୋଇଥାଏ ସେତେବେଳେ ଏହା ଚିନ୍ତାର ବିଷୟ ପାଲଟିଥାଏ। ଯେତେ ଧନ ଉପାର୍ଜନ କଲେବି କେଉଁଆଡ଼େ ଆସି କେଉଁଆଡ଼େ ଚାଲିଯାଏ, ତାହା ଜଣାପଡ଼େ ନାହିଁ। କିନ୍ତୁ ବାସ୍ତୁଶାସ୍ତ୍ରବିତଙ୍କ ମତରେ ଘରର ସକରାତ୍ମକ ଏବଂ ନକରାତ୍ମକ ଉଭୟ ମାହୋଲ ପାଇଁ ଘରର ଗୃହିଣୀ ମାନଙ୍କ ଅବଦାନ ବହୁତ ବେଶୀ। ଗୃହିଣୀ କରୁଥିବା ନିଜସ୍ୱ କର୍ମ ଉପରେ ମଧ୍ୟ ଘରର ମାହୋଲ ନିର୍ଭର କରିଥାଏ।

ଗୃହିଣୀ ସୂର୍ଯ୍ୟୋଦୟ ପୂର୍ବରୁ ବିଛଣା ଛାଡ଼ିବା ଉଚିତ। ବିଛଣା ଛାଡ଼ିବା ପରେ ସ୍ନାନ କରିବା ସହିତ ଘର ସଫା କରିବା ଉଚିତ। କିନ୍ତୁ ସୂର୍ଯ୍ୟୋଦୟ ପରେ ଯଦି ଏସବୁ କାମକୁ କରାଯାଏ ଘର ମଧ୍ୟରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

ସ୍ନାନ କରିବା ପରେ ଘରର ଗୃହିଣୀ ରୋଷେଇ ଘରକୁ ପ୍ରବେଶ କରି ରୋଷେଇ ଆରମ୍ଭ କରିବା ଉଚିତ। ଆମେ ନିତିଦିନଆ ଖାଦ୍ୟ ତିଆରି କରି ସାରିଲା ପରେ ସବୁଦିନ ସେହି ଖାଦ୍ୟକୁ ଭଗବାନଙ୍କ ପାଖରେ ଅର୍ପଣ କରିବା ଉଚିତ। ଏହାଦ୍ୱାରା ଘରେ ସବୁବେଳେ ସୁଖଶାନ୍ତି ବଜାୟ ରହିଥାଏ।

ଉହିଳାମାନେ ସାଧାରଣତଃ ସୂର୍ଯ୍ୟାସ୍ତ ପରେ କେଶ କୁଣ୍ଡାଇବା କଥା ନୁହେଁ। ଏମିତି କଲେ ମା’ ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାନ୍ତି। ଘରର ଧାନଧାନ୍ୟ ବୃଦ୍ଧି ହେବାର ବାଧା ସୃଷ୍ଟି ହୋଇଥାଏ। ଘରର ମହିଳାମାନେ ଯେତେ ଖୁସିରେ ରହିବେ ଘରର ମାହୋଲ ଏବଂ ବାତାବରଣ ମଧ୍ୟ ସେତେ ଅଧିକ ଭଲ ରହିବ। ଯେଉଁ ଘରର ମହିଳ । ସଦସ୍ୟ ମାନେ ଯେତେ ଅଧିକ ଝଗଡ଼ା ଏବଂ ପାଟିତୁଣ୍ଡ କରିଥାନ୍ତି ଏହା ଘରର ମାହୋଲକୁ ବିଗାଡ଼ିକା ସହିତ ଏକ ନକରାତ୍ମକ ବାତାବରଣ ଘରେ ସୃଷ୍ଟି କରିଥାଏ।

# ଏସଡିଆରଏଫ୍ ଭାବେ ବୃଦ୍ଧି ପାଇବ ଓଡ୍ରାଫର ଦକ୍ଷତା ଓ କ୍ଷମତା

ଭୁବନେଶ୍ୱର,୭।୮(ମହାଭାରତ): ଓଡ୍ରାଫକୁ ରାଜ୍ୟର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ /ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ (ଏସଡିଆରଏଫ୍) ଭାବେ ଉନ୍ନୀତ କରାଯିବ ଏବଂ ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି, ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିଅନ୍ ଗଠନ ସହିତ ଏହାର ନେତୃତ୍ୱ ଓ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବାକୁ ମଧ୍ୟ ପଦକ୍ଷେପ ନିଆଯିବ। ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଏବଂ ଭିତିଭୂମି ସମ୍ପର୍କରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଓଡ୍ରାଫର ଆବଶ୍ୟକ ଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧି ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।



ବୈଠକରେ ସାମ୍ପ୍ରତିକ ବନ୍ୟା ପରିପ୍ରେକ୍ଷୀରେ ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ୍ ଦ୍ୱାରା ବିଭିନ୍ନ ପ୍ରଭାବିତ ଅଂଚଳରେ ପ୍ରଦତ୍ତ ସେବା ଏବଂ ସମ୍ମୁଖୀନ ହୋଇଥିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅଗଷ୍ଟ ୪ ତାରିଖ ସୁଦ୍ଧା ୯ଟି ଜିଲ୍ଲାରେ ପ୍ରାୟ ୫୮ ଘଣ୍ଟାର ରାତ୍ରିକାଳୀନ ଉଦ୍ଧାର ଅଭିଯାନ ସହ ପ୍ରାୟ ୫୯ଟି ବୋଟ୍ ବ୍ୟବହୃତ ହୋଇଛି । ଏଥିରେ ୮୫୨ ଜଣ ପୁରୁଷ ଏବଂ ୫୪୧ ଜଣ ମହିଳାଙ୍କୁ ଓଡ୍ରାଫ୍ ଦ୍ୱାରା ସୁରକ୍ଷିତ ଉଦ୍ଧାର କରାଯାଇଛି । ପ୍ରାୟ ୫୯ଟି ଓଡ୍ରାଫ୍ ଟିମରେ ୬୭୪ ଜଣ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ହୋଇ ଦିନ ରାତି ଏକ କରି ସମର୍ପିତ ହୋଇ ଜନସାଧାରଣଙ୍କୁ ସେବା ଏବଂ ସହାୟତା ଯୋଗାଇ ଦେଇଛନ୍ତି । ୧୯ଜଣ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରାଯିବା ସହ ୬ଜଣ ସାପ କାମୁଡ଼ିଥିବା ରୋଗୀଙ୍କୁ ଉଚିତ୍ ସମୟରେ ଉଦ୍ଧାର କରାଯାଇଛି। ସେହିପରି ଜରୁରିକାଳୀନ ଡାକ୍ତରୀ ସେବା ନିମନ୍ତେ ୨୫ଟି ଉଦ୍ଧାର କାର୍ଯ୍ୟ କରାଯାଇଥିବା ବେଳେ ୨୧୩ ପଶୁସମ୍ପଦଙ୍କୁ ମଧ୍ୟ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଛନ୍ତି । ଏଥିସହିତ ପ୍ରଭାବିତ ଅଂଚଳରେ ୧୮ଟି ବିଶାଳ ଗଛକୁ କାଟି ଯାତାୟତ ପଥ ସୁଗମ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ସର୍ବମୋଟ୍ ୪୯୦ଘଂଟା ଧରି ନିରବଚ୍ଛିନ୍ନ ଭାବେ ଓଡ୍ରାଫ୍ ଟିମ୍ ସଫଳତାର ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ସେବା ପ୍ରଦାନ କରିଛନ୍ତି ।

ଓଡ୍ରାଫ୍ ଦ୍ୱାରା ବନ୍ୟା ପ୍ରଭାବିତ ଅଂଚଳରେ ପ୍ରଦତ୍ତ ବ୍ୟାପକ ସେବା କାର୍ଯ୍ୟର ସମୀକ୍ଷା କରି ମନ୍ତ୍ରୀ ଉଦ୍ଧାରକାରୀ ଦଳର ପ୍ରଶଂସା କରିବା ସହ ଏପରି ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ୍ ଟିମର ସାହସିକତା ଏବଂ ସମର୍ପିତ ମନୋଭାବ ଆମକୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆହୁରି ସଶକ୍ତ କରିବା ସହ ଆତ୍ମବିଶ୍ୱାସ ଯୋଗାଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ବୈଠକରେ ଓଡ୍ରାଫର ଦକ୍ଷତା ଏବଂ କ୍ଷମତା ବୃଦ୍ଧି ସହ ଆଗାମୀ ସମୟରେ ଏହାର ସୁବ୍ୟବସ୍ଥିତ ପରିଚାଳନା ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସୂଚନାଯୋଗ୍ୟ ଯେ, ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ଆଇନ୍, ୨୦୨୫ ଅଧୀନରେ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ /ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ (ଏସଡିଆରଏଫ୍) ସ୍ଥାପନ ସହ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ବ୍ୟାପକ କରିବା ନିମନ୍ତେ ଅଧାଦେଶ ରହିଛି । ଏହି ପରିପ୍ରେକ୍ଷୀରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତ୍ୟେକ ରାଜ୍ୟରେ ଏସଡିଆରଏଫ୍ ଗଠନ ସହ ଏହାର କାର୍ଯ୍ୟପ୍ରଣାଳୀ, ତାଲିମ୍ ପ୍ରକ୍ରିୟା, ପରିଚାଳନା ସମ୍ପର୍କିତ ବିସ୍ତୃତ ରୂପରେଖ ମଧ୍ୟ ଗୃହୀତ ହୋଇଛି । ଏହି କ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ପରିଚାଳନା କମିଟିର ବୈଠକରେ ଓଡ୍ରାଫକୁ ରାଜ୍ୟର ଏସଡିଆରଏଫ୍ ଭାବେ ଉନ୍ନୀତ କରିବା ନିମନ୍ତେ ଆଲୋଚନା ହୋଇଛି। ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ଏହି ନିଷ୍ପତିକୁ କାର୍ଯ୍ୟକାରୀ କରି ଓଡ୍ରାଫକୁ ରାଜ୍ୟର ଏସଡିଆରଏଫ୍ ଭାବେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ ସମ୍ପୂର୍ଣ୍ଣ ସମର୍ପିତ ବାହିନୀ ଭାବେ ଦାୟିତ୍ୱ ଏବଂ କ୍ଷମତା ପ୍ରଦାନ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ଦିନରେ ନିର୍ମିତ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଭବନରେ ଏହାର ମୁଖ୍ୟାଳୟ ଅବସ୍ଥାପିତ ହେବାକୁ ଥିବା ବେଳେ ନୂତନ ୧୦ଟି ୟୁନିଟ୍ ସହ ସମୁଦାୟ ୩୦ଟି ୟୁନିଟ୍ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ । ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା ) ପୁଲିସ ବିଭାଗର ପରାମର୍ଶ ତଥା ସହଯୋଗ କ୍ରମେ ଓଡ୍ରାଫର କାର୍ଯ୍ୟ, ପ୍ରଶିକ୍ଷଣ, ଆବଶ୍ୟକ ଭିତିଭୂମି, ସରଞ୍ଜାମ ଏବଂ ନିଯୁକ୍ତି ତଥା ମାନବସମ୍ବଳ ପରିଚାଳନାକୁ ଆଧାର କରି ଏକ ସମ୍ପୂର୍ଣ୍ଣ ଏସଓପି ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ଓଡ୍ରାଫ୍ ଉଦ୍ଧାରକାରୀ ଦଳ ସମ୍ମୁଖୀନ ହୋଇଥିବା ବିଭିନ୍ନ ଆହ୍ୱାନ ସମ୍ପର୍କରେ ମଧ୍ୟ ଆଲୋଚନା କରି ଆଗାମୀ ଦିନରେ ସେଥିନିମନ୍ତେ ପୂର୍ବପ୍ରସ୍ତୁତି ଭିତିରେ ସଜାଗ ରହିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହିତ ବିଭିନ୍ନ ପ୍ରଭାବିତ ଜିଲ୍ଲାରେ ଚାଲିଥିବା କ୍ଷୟକ୍ଷତି ଆକଳନକୁ ତ୍ୱରାନ୍ୱିତ କରିବା ସହ କ୍ଷତିଗ୍ରସ୍ତ ଚାଷଜମି, ପନିପରିବା ଚାଷ, ଗୃହ, ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟର କ୍ଷୟକ୍ଷତି ଆକଳନ ତ୍ୱରିତ ଶେଷ କରି କ୍ଷତିପୂରଣ ପ୍ରଦାନ ସୁନିଶ୍ଚିତ କରିବାକୁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା)ର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍, ଓସଡମାର ପରାମର୍ଶଦାତା ଡ. କମଳ ଲୋଚନ ମିଶ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀମତୀ ସୁସ୍ମିତା ବେହେରା, ଅର୍ଥନୈତିକ ପରାମର୍ଶଦାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ଆଚାର୍ଯ୍ୟ ଏବଂ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## 'ଓଡ଼ିଆ ସାମ୍ବାଦିକତା ଦିବସ'ରେ ଶୁଭେଚ୍ଛା ବାର୍ତ୍ତା

ଭୁବନେଶ୍ୱର,୭।୮(ମହାଭାରତ): 'ଓଡ଼ିଆ ସାମ୍ବାଦିକତା ଦିବସ'ରେ ରାଜ୍ୟପାଳ ଶୁଭେଚ୍ଛା ଜଣାଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, 'ଓଡ଼ିଆ ସାମ୍ବାଦିକତା ଦିବସ' ଅବସରରେ ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ରାଜ୍ୟପାଳ କହିଛନ୍ତି ଯେ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସତ୍ୟ, ନିରପେକ୍ଷତା ଓ ଜନସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦେଇ ସମାଜକୁ ଦିଗଦର୍ଶନ ଦେଉଥିବା ସାମ୍ବାଦିକଙ୍କ ନିଷ୍ଠା, ତ୍ୟାଗ ଓ ଅବଦାନ ପ୍ରଶଂସନୀୟ। ଏକ ସଚେତନ, ସଶକ୍ତ ଓ ସୁସ୍ଥ ସମାଜ ଗଠନରେ ଆପଣମାନଙ୍କର ଭୂମିକା ଉଲ୍ଲେଖନୀୟ ।

ଓଡ଼ିଆ ସାମ୍ବାଦିକତା ଦିବସରେ ସମସ୍ତ ସାମ୍ବାଦିକଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ଏନେଇ ସୋସିଆଲ ହ୍ୟାଣ୍ଡେଲରେ ଏକ ବାର୍ତ୍ତା ସେୟାର କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ସାମ୍ବାଦିକତା ଦିବସରେ ସମସ୍ତ ସାମ୍ବାଦିକ ଭାଇ ଓ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ରର ସୁଦୃଢ଼ ସ୍ତମ୍ଭ ଭାବେ ସତ୍ୟ, ନିରପେକ୍ଷତା ଓ ଜନସ୍ୱାର୍ଥର ସୁରକ୍ଷାରେ ଆପଣଙ୍କ ଅବଦାନ ପ୍ରଶଂସନୀୟ। ସମାଜକୁ ସଚେତନ, ସଶକ୍ତ ଓ ଦାୟିତ୍ୱବାନ କରିବାରେ ଓଡ଼ିଆ ସାମ୍ବାଦିକତାର ଏହି ନିଷ୍ଠାପର ପ୍ରୟାସ ନିରନ୍ତର ଜାରି ରହୁ।

# କୁମ୍ଭୀର ଗତିବିଧି ନେଇ ସତର୍କତା

କେନ୍ଦ୍ରାପଡ଼ା/ଭୁବନେଶ୍ୱର,୭।୮(ମହାଭାରତ): ବର୍ଷା ଋତୁରେ ବ୍ରାହ୍ମଣୀ, ମହାନଦୀ ଏବଂ ବୈତରଣୀ ନଦୀ ପ୍ରଣାଳୀରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି, ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗର ବନ ବିଭାଗ ପକ୍ଷରୁ ଏକ ଜରୁରୀକାଳୀନ ହ୍ୱାଟ୍ସଆପ୍ ହେଲ୍ପଲାଇନ୍ ନମ୍ବର ୯୯୩୮୯୧୪୧୦୧ ସକ୍ରିୟ କରାଯାଇଛି। ମଣିଷ-କୁମ୍ଭୀର ସଂଘର୍ଷର ବିପଦକୁ ହ୍ରାସ କରିବା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବିପଦସଙ୍କୁଳ ଗ୍ରାମଗୁଡ଼ିକରେ 'ଘରକୁ ଘର ବୁଲି' ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ ହୋଇଛି।

ବନ୍ୟାଜଳ ବୃଦ୍ଧି ହେତୁ ନଦୀକୂଳିଆ ଅଂଚଳରୁ କୁମ୍ଭୀରମାନେ ଜନବସତି କିମ୍ବା ଲୋକମାନେ ବ୍ୟବହାର କରୁଥିବା ନଦୀଘାଟ ନିକଟକୁ ଚାଲି ଆସିବାର ଯଥେଷ୍ଟ ସମ୍ଭାବନା ରହିଛି। ଜନସାଧାରଣଙ୍କ ସୁରକ୍ଷା ପାଇଁ ବନ ବିଭାଗର କ୍ଷେତ୍ର କର୍ମଚାରୀମାନେ ବନ୍ୟାପ୍ରବଣ ଗ୍ରାମଗୁଡ଼ିକ ପରିଦର୍ଶନ କରି କୁମ୍ଭୀର ସହିତ ସମ୍ଭାବ୍ୟ ମୁକାବିଲା ଏବଂ ଏଥିରୁ ରକ୍ଷା ପାଇବା ପାଇଁ ସତର୍କତାମୂଳକ ପଦକ୍ଷେପ ବିଷୟରେ ଲୋକଙ୍କୁ ସଚେତନ କରାଯାଉଅଛି।

ସଚେତନତା ଅଭିଯାନ ସମୟରେ ବାସିନ୍ଦାମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ବର୍ଷା ଋତୁରେ ଅତି ଆବଶ୍ୟକ ନଥିଲେ ନଦୀ, କେନାଲ କିମ୍ବା ନାଳ ମଧ୍ୟକୁ ପ୍ରବେଶ କରନ୍ତୁ ନାହିଁ। ପାଣି ସଂଗ୍ରହ, ମାଛ ଧରିବା କିମ୍ବା ଗାଧୋଇବା ସମୟରେ ବିଶେଷ ସତର୍କ ରହିବାକୁ କୁହାଯାଇଛି। ଏହା ସହିତ ପିଲାମାନଙ୍କୁ ବୟସ୍କଙ୍କ ତତ୍ତ୍ୱାବଧାନ ବିନା ଜଳାଶୟ ନିକଟକୁ ନଛାଡ଼ିବା ଏବଂ କୁମ୍ଭୀର ପ୍ରବଣ ଅଂଚଳରେ ଗୃହପାଳିତ ପଶୁଙ୍କୁ ଚରାଇବା ବା ପାଣି ପିଆଇବା ସମୟରେ ସତର୍କ ରହିବାକୁ ଅନୁରୋଧ କରାଯାଇଛି। ଯଦି କୌଣସି ଆବାସିକ ଅଂଚଳ କିମ୍ବା ନିକଟବର୍ତୀ ଜଳାଶୟରେ କୁମ୍ଭୀର ଦେଖାଯାଏ, ତେବେ ବନ ବିଭାଗ ତରଫରୁ ତ୍ୱରିତ ପଦକ୍ଷେପ ନିମନ୍ତେ ବନ ବିଭାଗର ହ୍ୱାଟ୍ସଆପ୍ ହେଲ୍ପଲାଇନ୍ (୯୯୩୮୯୧୪୧୦୧) ମାଧ୍ୟମରେ ସୂଚନା ଦେବାକୁ କୁହାଯାଇଛି। ବନ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣରେ ଏହି ଅଭିଯାନ ଚାଲୁ ରହିଛି, ଯାହା ମଣିଷ ଓ କୁମ୍ଭୀରଙ୍କ ମଧ୍ୟରେ ସୁରକ୍ଷିତ ସହାବସ୍ଥାନକୁ ପ୍ରୋତ୍ସାହିତ କରିବ। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତନ ବିଭାଗ ସମସ୍ତ ବାସିନ୍ଦାଙ୍କୁ, ବିଶେଷକରି ନଦୀକୂଳିଆ ଅଂଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ମାନବ ଜୀବନ ଏବଂ ବନ୍ୟପ୍ରାଣୀ ଉଭୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବନ ବିଭାଗ ଦ୍ୱାରା ଜାରି ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ଏବଂ ବନ କର୍ମଚାରୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଚିଲିକା, କାଳିଜାଈ ଓ ସାତପଡ଼ା ଅଂଚଳର ସାମଗ୍ରିକ ବିକାଶ ନେଇ ନକ୍ସା ପ୍ରସ୍ତୁତ

ଭୁବନେଶ୍ୱର,୭।୮(ମହାଭାରତ): ଏସିଆର ସର୍ବବୃହତ କ୍ଷାରୀୟ ହ୍ରଦ ଏବଂ ରାମସାର ସାଇଟ୍ ର ଖ୍ୟାତି ଅର୍ଜନ କରିଥିବା ଚିଲିକା ହ୍ରଦ ଏବଂ ଏଥି ମଧ୍ୟରେ ଥିବା କାଳିଜାଇ ପୀଠ ଏବଂ ସାତପଡ଼ା ଅଂଚଳର ସାମଗ୍ରିକ ବିକାଶ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାରା ଦେଶ ତଥା ବିଶ୍ୱରେ ଚିଲିକା ହ୍ରଦକୁ ନେଇ ଏକ ସ୍ୱତନ୍ତ୍ର ପରିଚୟ ଥିବାବେଳେ ଏହାର ସାମଗ୍ରିକ ବିକାଶର ନକ୍ସା ପ୍ରସ୍ତୁତ ନେଇ ଲୋକସେବା ଭବନଠାରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଚିଲିକା ଆସୁଥିବା ପର୍ଯ୍ୟଟକଙ୍କ ସୁବିଧାସୁଯୋଗ ଲାଗି ଭିତିଭୂମି ନିର୍ମାଣ କରାଯିବା ସହ ଆଖପାଖ ଅଂଚଳକୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବିକଶିତ କରାଯିବା ନେଇ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏହି କ୍ରମରେ ଚିଲିକାକୁ ଏକ ଆକର୍ଷଣୀୟ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ସହ ମା' କାଳିଜାଇ ପୀଠର ସର୍ବାଙ୍ଗୀନ ବିକାଶ ସହ ଚିଲିକାର ପରିବେଶ, ଜୈବବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ପରିବେଶ ସମ୍ବେଦନଶୀଳ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ।



ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ସବୁ ଅଂଚଳର ଭିତିଭୂମି ବିକାଶ ଓ ରାସ୍ତାଘାଟର ନିର୍ମାଣ ନେଇ ରାଜ୍ୟର ବିକାଶକୁ ଆଗେଇ ନେବା ଉପରେ ଏକ ସର୍ବଶ୍ରେଷ୍ଠ ନକ୍ସା ପ୍ରସ୍ତୁତି ସହ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବୈଠକରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏହାର ବିକାଶ ନେଇ ପ୍ରସ୍ତୁତ ନକ୍ସା ପ୍ରଦର୍ଶିତ ହୋଇଥିଲା । ଏଥିରେ ଉନ୍ନତ ରାସ୍ତାଘାଟ ନିର୍ମାଣ ସହ ଜେଟିଗୁଡ଼ିକର ବିକାଶ, ପାର୍କିଂ ସ୍ଥାନ ନିର୍ମାଣ, ପକ୍ଷୀ ଦେଖିବା ପାଇଁ ବାର୍ଡସ ଭ୍ୟୁ ପଏଂଟ, ସାଇକେଲ ଟ୍ରାକ୍, ରୋଲର ସ୍କେଟିଂ, ୱାଟର ସ୍ପୋର୍ଟସ, ବୋଟିଂ ଭଳି ଦୁଃସାହସିକ କ୍ରୀଡ଼ା ଲାଗି ସୁବିଧା କରାଯିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଟ୍ରି-ହାଉସ୍, ଟ୍ରେକିଂ ୱେ, ଓପନ୍ ଫୁଡ୍ କୋର୍ଟ, ବଣଭୋଜି ଅଂଚଳର ବିକାଶ ସହ ଓଡ଼ିଶାର ଐତିହ୍ୟକୁ ପ୍ରଦର୍ଶିତ କରିବା ଭଳି କଳାକୃତି ସ୍ଥାନିତ କରିବା ଉପରେ ଗୁରୁତ୍ୱ ଦେବା ଲାଗି ବୈଠକରେ ଆଲୋଚନା ହୋଇଥିଲା ।

# ଏମ୍ସ ଭୁବନେଶ୍ୱର ସମ୍ମାନିତ

ନୂଆଦିଲ୍ଲୀ/ଭୁବନେଶ୍ୱର,୭।୮(ମହାଭାରତ): ଜାତୀୟ ସ୍ତରରେ ପୁଣିଥରେ ନିଜର ଛାପ ଛାଡ଼ିଛି ଏମ୍ସ ଭୁବନେଶ୍ୱର। ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ୧୬ତମ ଭାରତୀୟ ଅଙ୍ଗ ଦାନ ଦିବସ ପାଳନ ଅବସରରେ ଏମ୍ସ ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ 'ଅଙ୍ଗ ପ୍ରତିରୋପଣରେ ଉଦୀୟମାନ ସରକାରୀ ପ୍ରତିଷ୍ଠାନ' ପୁରସ୍କାର ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଂଗଠନ (ନୋଟ୍ଟୋ) ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ମୁଖ୍ୟ ଅତିଥି କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଅନୁପ୍ରିୟା ପଟେଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସଚିବ ଶ୍ରୀମତୀ ପୁଣ୍ୟ ସଲିଳା ଶ୍ରୀବାସ୍ତବ, ଡିଜିଏଚ୍ଏସ ଡ. ଲଭନୀଶ ଜି. କୃଷ୍ଣ, ଅତିରିକ୍ତ ସଚିବ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଶ୍ରୀ ବିଜୟ ନେହରା, ଏବଂ ନୋଟ୍ଟୋ ନିର୍ଦ୍ଦେଶକ ଡ. ଅନିଲ କୁମାର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ଏମ୍ସ ଭୁବନେଶ୍ୱର ପକ୍ଷରୁ ଅଧକ୍ଷା ଡ. ଅନୀତା ସକ୍ସେନା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ, ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ ଏବଂ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ମୁଖ୍ୟ ଡ. ବ୍ରହ୍ମଦତ୍ତ ପଟ୍ଟନାୟକ ପ୍ରମୁଖ ପୁରସ୍କାର ଗ୍ରହଣ କରିଥିଲେ। ଏମ୍ସଭୁବନେଶ୍ୱରକୁ ଅଙ୍ଗ ପ୍ରତିରୋପଣରେ ଉଲ୍ଲେଖନୀୟ ଅଗ୍ରଗତି, ବିଶେଷକରି ପ୍ରତିରୋପଣ ପ୍ରକ୍ରିୟାରେ ଉଲ୍ଲେଖନୀୟ ବୃଦ୍ଧି ନିମନ୍ତେ ସମ୍ମାନିତ କରାଯାଇଥିଲା। ୨୦୨୪ ରେ ୧୬ଟି ପ୍ରତିରୋପଣରୁ ୨୦୨୫ ରେ ଏହି ସଂଖ୍ୟା ୬୩ରେ ପହଂଚିଛି। ଏହି ଅବସରରେ କୃତଜ୍ଞତା ପ୍ରକାଶ କରି, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ଜାତୀୟ ମାନ୍ୟତା ଆମର ପ୍ରତିରୋପଣ ଦଳ, ଇଂଟେନସିଭ୍ କେୟାର ବିଶେଷଜ୍ଞ, ନର୍ସିଂ ଷ୍ଟାଫ୍, ପ୍ରତିରୋପଣ ସଂଯୋଜକ ଏବଂ ସହାୟକ କର୍ମଚାରୀଙ୍କ ଅଟଳ ପ୍ରତିବଦ୍ଧତା, ବହୁବିଧ ଦଳଗତ କାର୍ଯ୍ୟ ଏବଂ ନିରନ୍ତର ସମର୍ପଣ ଭାବକୁ ପ୍ରତିଫଳିତ କରେ।

# ମା ମଙ୍ଗଳା ପୀଠର ଉନ୍ନତିକରଣ ନେଇ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର,୭।୮(ମହାଭାରତ):ପୁରୀ ଜିଲ୍ଲା କାକଟପୁର, ମା'ମଙ୍ଗଳା ପୀଠର ସାମଗ୍ରିକ ଉନ୍ନତିକରଣ ନେଇ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମା'ମଙ୍ଗଳା ପୀଠର ବିଜେ ସ୍ଥଳୀ ଏବଂ ପାରିପାର୍ଶ୍ୱିକ ଅଂଚଳର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ନେଇ ଆଲୋଚନା ଅନୁଷ୍ଠିତ ହୋଇଥିଲା । ବୈଠକରେ ମୁଖ୍ୟ ମନ୍ଦିରର ମରାମତି, ରୋଷଗୃହ ନିର୍ମାଣ, ପାର୍କିଂ ସ୍ଥଳୀର ଉନ୍ନତିକରଣ, ସେବାୟତ ଭବନ ନିର୍ମାଣ, ଯାତ୍ରୀନିବାସ ଓ ଚନ୍ଦନ ଘାଟର ଆଧୁନିକୀକରଣ, ଭୋଗ ଦୋକାନ ଓ ଐତିହ୍ୟ ଗେଟ୍ ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଏଥି ସହିତ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ସମନ୍ୱିତ ଉନ୍ନତିକରଣ ପ୍ରକଳ୍ପ, ବଣଭୋଜି ଜୋନ୍, ପ୍ରାଚୀନଦୀରେ ଐତିହ୍ୟ ଘାଟ ନିର୍ମାଣ, ସ୍ୱତନ୍ତ୍ର ସେତୁ ନିର୍ମାଣ, ଛୋଟପିଲାଙ୍କ ଲାଗି ପାର୍କ ନିର୍ମାଣ, ମନ୍ଦିର କାର୍ଯ୍ୟାଳୟ ଓ ଜୋତାଷ୍ଟାଣ୍ଡ ନିର୍ମାଣ ଲାଗି ସର୍ଭେ କରି ରିପୋର୍ଟ ଦେବା ଲାଗି ଆଲୋଚନା ହୋଇଥିଲା । ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ ଆମ ଆସ୍ଥା ଓ ବିଶ୍ୱାସର ପ୍ରାଣକେନ୍ଦ୍ର କାକଟପୁରର ପ୍ରସିଦ୍ଧ ଶକ୍ତିପୀଠ ମା' ମଙ୍ଗଳାଙ୍କ ମନ୍ଦିରର ସାମଗ୍ରିକ ବିକାଶ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ଉନ୍ନତ ସୁବିଧା ସୁନିଶ୍ଚିତ କରିବା ଆମ ସରକାରଙ୍କ ପ୍ରାଥମିକତା ରହିଛି । ଏହାକୁ ଗୁରୁତ୍ୱ ଦେଇ ଆମେ ନିରନ୍ତର କାର୍ଯ୍ୟ କରୁଛୁ । ପର୍ଯ୍ୟଟନ ଓ ଐତିହ୍ୟର ସମନ୍ୱିତ ବିକାଶ ଦ୍ୱାରା ରାଜ୍ୟର ଅର୍ଥନୀତି ଓ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବ ବୋଲି ସେ ଆଶାପ୍ରକାଶ କରିଥିଲେ ।



ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମା'ମଙ୍ଗଳାଙ୍କ ପୀଠ ସମଗ୍ର ଓଡ଼ିଶାବାସୀଙ୍କ ସମେତ ଓଡ଼ିଶା ବାହାରର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭାବାବେଗ ସହ ଜଡ଼ିତ ବୋଲି ଉଲ୍ଲେଖ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ପୀଠର ଉନ୍ନତିକରଣ ଲାଗି ଏକ ସମ୍ପୂର୍ଣ୍ଣ ବିକାଶିତ ନକ୍ସା ପ୍ରସ୍ତୁତ କରି ସେପ୍ଟେମ୍ବର ଶେଷ ସୁଦ୍ଧା ବାକି ଥିବା କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହା, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡ଼ଙ୍ଗୀ, ଇଆଇସି ସିଭିଲ ଇଂ ସତ୍ୟବ୍ରତ ବେହେରା, ଇଆଇସି ବିଲ୍ଡିଂ ଇଂ ପ୍ରିୟବ୍ରତ ସାମନ୍ତରାୟ ଓ ମୁଖ୍ୟଯନ୍ତ୍ରୀ ଇଂ ତ୍ରିନାଥ ବେହେରାଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତସମୂହ ଉପସ୍ଥିତ ଥିଲେ ।

# ବିଶ୍ୱଭୂଷଣଙ୍କ ୯୩ତମ ଜନ୍ମଦିବସ

ଭୁବନେଶ୍ୱର ,୭।୮(ମହାଭାରତ): ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବିଶିଷ୍ଟ ରାଜନେତା, ପ୍ରାକ୍ତନ ମନ୍ତ୍ରୀ, ରାଜ୍ୟପାଳ, ସାହିତ୍ୟିକ, ପାଇକ ସଂଗ୍ରାମୀ, ନାଟ୍ୟକାର ତଥା ଓଡ଼ିଆ ଭାଷା, ସାହିତ୍ୟର ଅଗ୍ରଣୀ ପୁରୋଧା ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୩ତମ ସ୍ୱନକ୍ଷତ୍ର ଦିବସ ସହିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ସଭାପତି ଭାବେ ଓଡିଶାର ସଂସ୍କୃତି ପୁରୁଷ ଡ଼ଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସଂଯୋଜକ ତଥା ଅଭିଯାନର ଅଧ୍ୟକ୍ଷ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ମୁଖ୍ୟଅତିଥି ଭାବେ ଓଡିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ବିଶିଷ୍ଟ ଅତିଥି ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବିଶିଷ୍ଟ ରାଜନେତା ନିରଞ୍ଜନ ପଟ୍ଟନାୟକ, ବିଧାୟକ ଗଣେଶ୍ୱର ବେହେରା, ଡ଼ଃ ହରେକୃଷ୍ଣ ଶତପଥୀ, ପ୍ରାକ୍ତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପ୍ରାକ୍ତନ ସାଂସଦ ପ୍ରସନ୍ନ ପାଟଶାଣୀ, ଭାଷାବିଜ୍ଞାନୀ ଡ଼ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଅତିଥି ସମୂହ ଉପସ୍ଥିତ ରହିବା ସହ ଏହିପରି ପୁଜ୍ୟପୂଜା କାର୍ଯ୍ୟକ୍ରମ ଆଜିର ବହୁ ପ୍ରାସଙ୍ଗିକତା ବହନ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଜଣେ ସରଳ, ନିଷ୍ଠାପର, ଦକ୍ଷ, ସାହିତ୍ୟିକ, ରାଜନେତା, ସଂଗ୍ରାମୀ, ତଥା ବହୁ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ଅତିଥି ସମୂହ ମତବ୍ୟକ୍ତ କରିଥିଲେ। ଆଜିର ଯୁବପୀଢ଼ି ଓ ଆଗାମୀ ପୀଢ଼ିଙ୍କ ମାର୍ଗଦର୍ଶନ ଉକ୍ତ କାର୍ଯ୍ୟକ୍ରମ ହେବ ବୋଲି ଡ଼ଃ ଜ୍ଞାନେନ୍ଦ୍ର ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ, ବିଧାୟକ ବାବୁ ସିଂ ଓ ଗବେଷକ ବାଳ ମୁକୁନ୍ଦ ଦାସଙ୍କୁ 'ବିଶ୍ୱଭୂଷଣ ହରିଚନ୍ଦନ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ସ୍ନିଗ୍ଧା ଏକାଡେମୀର ଅଧକ୍ଷା ଶ୍ରୀମତୀ ବିଚିତ୍ରା ରଥଙ୍କ ସଂଯୋଜନାରେ ଝିଅମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିବା ସହ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀ ଜଗନ୍ନାଥଙ୍କ ଉପରେ ଆଧାରିତ ସଙ୍ଗୀତ ସିଡ଼ିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ମୁଖପାତ୍ର ପତ୍ରକାର ଅରବିନ୍ଦ ତ୍ରିପାଠୀ, ସଂଯୋଜକ ବାପୁ ଓଝା, ଚିରଞ୍ଜିବୀ ସେଠୀ, ସାହିତ୍ୟିକା ସରୋଜିନୀ ମିଶ୍ର, ସନ୍ତୋଷ ଲେଙ୍କା, ନାରାୟଣ ଖୁଂଟିଆ, ସାମ୍ବାଦିକା ରୀନା ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

# ଦଳୀୟ ଭିତ୍ତିରେ ବିଜେପି ଘର ବଣ୍ଟନ କରିଛି: ବିଜେଡି

ଭୁବନେଶ୍ୱର,୭।୮(ମହାଭାରତ):ବିଜେପି ସରକାରରେ ଆବାସ ଯୋଜନାରେ ମହାଘୋଟାଲା ହୋଇଛି । ପ୍ରକୃତ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଥିବା ବେଳେ ବିଜେପି ନେତା ମାନଙ୍କ ଦ୍ୱାରା ହିତାଧିକାରୀ ଚୟନ କରାଯାଇ ଘର ବଣ୍ଟନ କରାଯାଇଛି । ସରକାରଙ୍କ ତ୍ରୁଟିକୁ ନିଜେ ସ୍ୱୀକାର କରିଛନ୍ତି ମନ୍ତ୍ରୀ । ସରକାରଙ୍କ ଏହି ପାତରଅନ୍ତର ନୀତିକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ଓଡିଶାରେ ଆବାସ ଯୋଜନା ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଛି । ଗରୀବ ଶ୍ରେଣୀର ଲୋକେ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି । ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସର୍ବସାଧାରଣରେ ସରକାରୀ ମହିଳା କର୍ମଚାରୀଙ୍କୁ ଗାଳିଗୁଲଜ କରି ଦୁର୍ବ୍ୟବହାର କରିଛନ୍ତି, ଯାହାକି ଅତି ଅଶୋଭନୀୟ । ହିତାଧିକାରୀ ମାନଙ୍କୁ ଘର ବଣ୍ଟନ ନେଇ ଥିବା ଗାଇଡଲାଇନକୁ ଖୁଲମଖୁଲା ଉଲ୍ଲଙ୍ଘନ କରିଛି ବିଜେପି ସରକାର । ଅନ୍ତ୍ୟୋଦୟ ଯୋଜନାରେ ହିତାଧିକାରୀ ମାନଙ୍କ ଚୟନ ନେଇ ସ୍ଥାନୀୟ ଜିଲ୍ଲାପାଳ ପଞ୍ଚାୟତିରାଜ ବିଭାଗକୁ ଜଣାଇବେ, ଏହାପରେ ମୁଖ୍ୟମନ୍ତ୍ରୀ ତାହାକୁ ଅନୁମୋଦନ କରିବା ନିୟମ ରହିଛି । କିନ୍ତୁ ତାହାକୁ ଉଲ୍ଲଙ୍ଘନ କରି ବିଜେପି ନେତା ମାନଙ୍କ ଦ୍ୱାରା ହିତାଧିକାରୀ ଚୟନ କରି ଗୃହ ପ୍ରଦାନ କରାଯାଇଛି । ବିଜେପି ନେତା ମାନେ ଚାପ ପ୍ରୟୋଗ କରି ଜିଓ ଟ୍ୟାଗିଂ କରୁଥିବାରୁ ପ୍ରକୃତ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଗତ ୨ ବର୍ଷରେ ୧ ଲକ୍ଷ ୧ ହଜାର ଘର ଆସିଥିବା ବେଳେ ମାତ୍ର ୩୧୫୪ଟି ଘର ସମ୍ପୂର୍ଣ୍ଣ ହୋଇଛି । ସେହିପରି ଅନ୍ତ୍ୟୋଦୟ ଯୋଜନାରେ ୨ ଲକ୍ଷ ୨୫ ହଜାର ଘର ଆବଣ୍ଟନ କରାଯାଇଛି । ସର୍ଭେ କାର୍ଯ୍ୟ ନିମନ୍ତେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଥିବା ଗାଇଡଲାଇନକୁ ପାଳନ କରାଯାଇ ନାହିଁ, ଯାହାକି ମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି । ମନ୍ତ୍ରୀ ଢେଙ୍କାନାଳ ସଦର ବ୍ଲକର କାଇମାଟି ଗ୍ରାମପଞ୍ଚାୟତର ଗହମଖୁଣ୍ଟି ଗ୍ରାମକୁ ଯାଇଥିଲେ । ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ମନ୍ତ୍ରୀ ସେଠାରେ ସ୍ୱୀକାର କରିଥିଲେ । ଟଙ୍କା ନେଇ ଆବାସ ଗୃହ ବଣ୍ଟା ଯାଇଥିବା କହି ବିଡିଓ ଓ ପିଇଓଙ୍କୁ ସର୍ବସାଧାରଣରେ ଅଶୋଭନୀୟ ବ୍ୟବହାର କରି ଗାଳିଗୁଲଜ କରିଥିଲେ ମନ୍ତ୍ରୀ । ଏନେଇ ପିଇଓ ସଂଘ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ । ଜଣେ ମହିଳା କର୍ମଚାରୀଙ୍କୁ ଏପରି ବ୍ୟବହାର କରିବା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ବିଜେପି ସରକାର ଦଳୀୟ ଭିତ୍ତିରେ ଘର ବଣ୍ଟନ ନ କରି ପ୍ରକୃତ ହିତାଧିକାରୀଙ୍କୁ ଘର ବଣ୍ଟନ କରନ୍ତୁ । ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ, ସରକାରର ଦୋଷ ତ୍ରୁଟିକୁ ଲୁଚାଇବାକୁ ଯାଇ ସର୍ବସାଧାରଣରେ ସରକାରୀ ମହିଳା କର୍ମଚାରୀଙ୍କୁ ମନ୍ତ୍ରୀ ଗାଳିଗୁଲଜ କରୁଛନ୍ତି । ବିଜେପି ସରକାର ମହିଳା ସୁରକ୍ଷା ଓ ମହିଳା ବନ୍ଦନାର ଡିଣ୍ଡିମ ପିଟୁଥିବା ବେଳେ ଏହା କେଉଁ ପ୍ରକାର ମହିଳାଙ୍କୁ ସମ୍ମାନ ମନ୍ତ୍ରୀ ମହିଳା କର୍ମଚାରୀଙ୍କୁ ଅପଶବ୍ଦ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ । ହିତାଧିକାରୀ ମାନଙ୍କୁ ଗାଇଡଲାଇନ ଅନୁଯାୟୀ ଘର ପ୍ରଦାନ କରାଯାଉ ନାହିଁ ।



## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ୱାର୍ଡେନଙ୍କ ପ୍ରଶିକ୍ଷଣ

ଭୁବନେଶ୍ୱର,୭।୮(ମହାଭାରତ): କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି) ର ୱାର୍ଡେନମାନଙ୍କ ନିମନ୍ତେ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣର ଶୁଭାରମ୍ଭ ହୋଇଯାଇଛି । ଜାତୀୟ ଶିକ୍ଷା ଯୋଜନା ଏବଂ ପ୍ରଶାସନ ପ୍ରତିଷ୍ଠାନ ( ନିପା), ନୂଆଦିଲ୍ଲୀ ଏବଂ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଓଡ଼ିଶା ର ମିଳିତ ସହଯୋଗରେ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ (ଆରଆଇଇ) ଠାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ସଙ୍ଗୀତା ବେହେରା, ଯୁଗ୍ମ ନିର୍ଦ୍ଦେଶକ ଜାସ୍ମିନ୍ ପଟ୍ଟନାୟକ, ଡକ୍ଟର ସରିତା ଏମ୍ ଯୋଗ ଦେଇ ୱାର୍ଡେନ୍ ମାନଙ୍କୁ ଏକ ସୁସ୍ଥ ଓ ନିରାପଦ ପରିବେଶ ସୃଷ୍ଟି କରିବାକୁ ଉପଦେଶ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ରାଉତ ଯୋଗ ଦେଇ କେଜିବିଭିକୁ ଉଚ୍ଚମାନର ଆବାସିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ୱାର୍ଡେନ ମାନଙ୍କୁ ସକ୍ଷମ କରିବା ଏହି କର୍ମଶାଳାର ମୁଖ୍ୟ ଆଭିମୁଖ୍ୟ ବୋଲି କହିଥିଲେ ।

# ଅଭିଭାବକ ଶିକ୍ଷକ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୭।୮(ମହାଭାରତ): ଚଳିତ ଶିକ୍ଷାବର୍ଷ ୨୦୨୬-୨୭ର ଅଭିଭାବକ, ଶିକ୍ଷକ/ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅଭିଭାବକ / ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ / ସଦସ୍ୟା, ଶିକ୍ଷକ/ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ । ଏହି ବୈଠକରେ ନିଶାମୁକ୍ତ ଭାରତ ଅଭିଯାନ, ବିକଶିତ ଭାରତର ପରିଚୟ, ଘରେ ଘରେ ତ୍ରିରଙ୍ଗା -୨୦୨୬ କାର୍ଯ୍ୟକ୍ରମ, ଏକ୍ ପେଡ୍ ମା କେ ନାମ୍ ୩.୦, ସୁରଭି, ସ୍ୱଚ୍ଛତା ପକ୍ଷ ପାଳନ, ଡିଜିଟାଲ ଦୁନିଆରେ ଆମ ପିଲାଙ୍କ ସୁରକ୍ଷା : ଅଭିଭାବକଙ୍କର ଭୂମିକା, କ୍ୟାରିୟର ମାର୍ଗଦର୍ଶନ ଓ ଭବିଷ୍ୟତ ଯୋଜନାରେ ପିତାମାତାଙ୍କ ଭୂମିକା, କୈଶୋର ଛାତ୍ରୀମାନଙ୍କ ପାଇଁ ଇନ୍ସିନେରେଟର ଓ ଭେଣ୍ଡିଂ ମେସିନ୍ ର ବ୍ୟବସ୍ଥା ଓ ବିଦ୍ୟାଳୟରେ ପରିଷ୍କାର ଓ ପରିଚ୍ଛନ୍ନତା, ବିଦ୍ୟାଳୟ ବାହାରେ ଥିବା ଓ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରି ନାମଲେଖା ହାରକୁ ବୃଦ୍ଧି କରିବା, ସମଗ୍ର ଶିକ୍ଷା ଯୋଜନାରେ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଏବଂ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କର ଭୂମିକା ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା । ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ଉନ୍ନତିକରଣ ପ୍ରକ୍ରିୟାରେ ସମୁଦାୟ ଓ ଅଭିଭାବକମାନେ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ବୈଠକରେ ମତବ୍ୟକ୍ତ କରିଥିଲେ। ରାଜ୍ୟସରକାରଙ୍କ ତରଫରୁ ଆୟୋଜିତ ଏହି ସମ୍ମିଳନୀରେ ଶିକ୍ଷାର ମାନବୃଦ୍ଧି ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ସର୍ବବିଧ ଉନ୍ନତି ପାଇଁ ଅଭିଭାବକମାନଙ୍କ ଠାରୁ ଗଠନମୂଳକ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା।

# ରାଜଧାନୀରେ ଦୁର୍ଘଟଣା

ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ରାଜ୍ୟରେ ଯାନବାହନ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। କିନ୍ତୁ ସେହି ଅନୁଯାୟୀ ସୁରକ୍ଷିତ ଯାତାୟତ ନିମନ୍ତେ ସଡ଼କ ବ୍ୟବସ୍ଥା ହୋଇନାହିଁ। ଫଳରେ ସଡ଼କ ଦୁର୍ଘଟଣା ଉଦବେଗଜନକ ଭାବେ ବଢ଼ିଚାଲିଛି। ଅନେକ ସ୍ଥାନରେ ରାସ୍ତା ଉପରେ ଗାଡ଼ି ପାର୍କିଂ ହେଉଛି, ରାସ୍ତାକୁ ଜବର ଦଖଲ କରି ଦୋକାନ ର ନିର୍ମାଣ ହେଉଛି। ଏହାକୁ ରୋକିବା ଲାଗି ବା ପ୍ରତିକାର ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଉନି। ତେଣୁ ରାସ୍ତା ସଂକୀର୍ଣ୍ଣ ହୋଇଯାଉଛି। ଅନେକ ସମୟରେ ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ଏବଂ ମାଟି ଗଦା ହୋଇ ପଡୁଛି। ଏହାର ତତ୍କାଳ ସମାଧାନ ନାହିଁ। ସ୍ଥାନୀୟ ପୋଲିସ ବା ପୌରସଂସ୍ଥା ନିଦା ବିଷ୍ଣୁ ପରି ବସି ରହୁଛି। ଯଦି କେହି ପ୍ରଭାବଶାଳି ବ୍ୟକ୍ତି ଏପରି କରୁଛନ୍ତି, ତେବେ ପୋଲିସ ସବୁ ଦେଖି କିଛି ନଦେଖିଲା ପରି ରହୁଛି। ସୁରକ୍ଷିତ ଗାଡ଼ି ଚଳାଚଳ ପାଇଁ ରାତିରେ ରାସ୍ତାରେ ଆଲୋକ ବ୍ୟବସ୍ଧଥା ହେବା ଉଚିତ। କିନ୍ତୁ ରାଜଧାନୀ ଭୁବନେଶ୍ୱରରେ ଏହାର ଘୋର ଅଭାବ। ଉଦାହରଣ ସ୍ୱରୂପ କଳ୍ପନା ଛକରୁ ରସୁଲଗଡ଼ ଛକ ପର୍ଯ୍ୟନ୍ତ ଯାଇଥିବା କଟକ ରୋଡରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନାହିଁ। ରାତିରେ ଅଧା ଲାଇଟ ଜଳୁଛି ତ ଅଧା ଅନ୍ଧାରରେ। ରାସ୍ତା ପାର୍ଶ୍ୱରେ କାମ ହେଉଛଇ, ମାଟି ଖୋଳାଯାଇ ରାସ୍ତା ଉପରେ ପଡୁଛି। ଅନ୍ଧାରରେ ଗାଡ଼ି ରାସ୍ତା ପାର୍ଶ୍ୱ ଖାତରେ ପଡ଼ିଯିବା ବା ମାଟିରେ ଚଢ଼ିଯାଇ ଦୁର୍ଘଟଣାଗ୍ରସ୍ତ ହେବାର ଆଶଙ୍କା ରହିଛି। ଏଥିପ୍ରତି କେହି ଉତ୍ତରଦାୟିତ୍ୱ ନେବା ଦେଖାଯାଉନି। ସବୁଠାରୁ ବଡ଼ କଥା ହେଲା ରାସ୍ତାରେ ଅତି ଦ୍ରୁତ ଗତିରେ ଗାଡ଼ି ଚାଳନା କରିବା ଏବଂ ଭୁଲ ପାର୍ଶ୍ୱ ଅର୍ଥାତ ରାସ୍ତାରେ ଡାହାଣ ପଟେ ଗାଡ଼ି ଚଳାଇବା। କିଛି ତଥାକଥିତ ଶିକ୍ଷିତ, ସ୍ୱଚ୍ଛଳ ପରିବାରର ଯୁବକମାନେ ରାଜଧାନୀରେ ନିଜ ବାହାଦୁରୀ ଦେଖାଇବା ନିମନ୍ତେ କଳା ପଇସାରେ କିଣାଯାଇଥିବା ଦାମୀ ଗାଡ଼ିକୁ ଅତି ଦ୍ରୁତ ଗତିରେ ଚଳାଉଛନ୍ତି, ବିକଟାଳ ଶବ୍ଦ କରୁଛନ୍ତି, ଆଉ ପ୍ରଚୁର ମଦ୍ୟପାନ କରି ବେପରୁଆ ଭାବେ ଗାଡ଼ି ଚଳାଇ ଜୀବନହାନୀର କାରଣ ସାଜୁଛନ୍ତି। ସେମାନଙ୍କ ପାଇଁ ଆଇନ ଅନ୍ଧ। ପୋଲିସ ସେମାନଙ୍କ ପଦ ଲେହନ କରୁଛି। ଯାହା ବି କାର୍ଯ୍ୟାନୁଷ୍ଠାନ ନିଆ ଯାଉଛି ତାହା କେବଳ ଧର୍ମକୁ ଆଖିଠାର ସଦୃଶ। ଏଥିପାଇଁ ରାଜଧାନୀ ଭୁବନେଶ୍ୱର ଏବେ ଦୁର୍ଘଟଣାର ସହର ପାଲଟିଛି। ଏଥିପାଇଁ ଆମ ବ୍ୟବସ୍ଥା, ପୋଲିସ, ପରିବହନ ବିଭାଗ ଯେତିକି ଦାୟୀ ଆମେ ସାଧାରଣ ଲୋକେ ମଧ୍ୟ ସେତିକି ଦାୟୀ। ପିଲାବେଳକୁ ପଢ଼ିଆସୁଛୁ ରାସ୍ତାର ବାମପେଟ ସବୁ ବେଳେଚାଲିବ ଏବଂ ଗାଡ଼ି ଚଳାଇବ। ଏହା ଏକ ସର୍ବନିମ୍ନ ସଡ଼କ ନିୟମ। କିନ୍ତୁ ଆମ ଭିତରୁ ଅନେକ ଉଚ୍ଚଶିକ୍ଷିତ ହୋଇ ମଧ୍ୟ ଏହାକୁ ମାନୁ ନାହାଁନ୍ତି, ଅନ୍ୟକୁ ଉପଦେଶ ଦେଉଛନ୍ତି। ଏହା ସଡ଼କ ଦୁର୍ଘଟଣାର ଏକ ପ୍ରମୁଖ କାରଣ। କଟକ ରୋଡ ହେଉ ଅଥବା ଜନପଥ ହେଉ ସବୁଠି, ସବୁ ରାସ୍ତାରେ କିଛି ଲୋକ ଭୁଲ ପାର୍ଶ୍ୱରେ ଗାଡ଼ି ଚଳାଇ ଦୁର୍ଘଟଣାର କାରଣ ସାଜୁଛନ୍ତି। ଏମାନେ ସମସ୍ତେ ତଥାକଥିତ ଶିକ୍ଷିତ, କିନ୍ତୁ ସଚେତନ ନୁହଁନ୍ତି। ଏମାନଙ୍କ ପ୍ରତି ଆଇନ ଆଖି ବୁଜି ଦେଇଛି। ସେମାନଙ୍କୁ ପୋଲିସ ଅଟକାଇ ଦଣ୍ଡବିଧାନ କରିବା ଉଚିତ। କିନ୍ତୁ କାହିଁକି ପୋଲିସ ଏଥିପ୍ରତି ଉଦାସୀନ ତାହା ବିସ୍ମୟଜନକ। ଯଦି ଏଥିଲାଗି ପର୍ଯ୍ୟାପ୍ତ ପୋଲିସ ବ୍ୟବସ୍ଥା ନାହିଁ, ତେବେ ସରକାର ଏଥିଲାଗି ପୋଲିସ ବିଭାଗରେ ନୂତନ ନିଯୁକ୍ତି ପ୍ରଦାନ କରନ୍ତୁ। ଆଉ ଦିନ ରାତି ୨୪ ଘଣ୍ଟା ରାଜଧାନୀର ସବୁ ରାସ୍ତାରେ ପୋଲିସ ପାଟ୍ରୋଲିଂ ହେଉ। ଯିଏ ନିୟମ ମାନୁନି, ଅନ୍ୟର ଜୀବନ ହାନିର କାରଣ ସାଜୁଛି, ତାକୁ ଦଣ୍ଡିତ କରାଯିବା ଉଚିତ। ଆଉ ଯୁବପୀଢ଼ୀ ବା ଛାତ୍ରଛାତ୍ରୀମାନଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ ଏବଂ ତାଲିମ ପ୍ରଦାନ କରାଯିବା ଉଚିତ। ରାସ୍ତାରେ ଏଭଳି ଜୀବନ ଚାଲିଯିବା ଏକ ଅତ୍ୟନ୍ତ ଦୁଃଖଦ ଏବଂ ଦୁର୍ଭାଗ୍ୟଜନକ ଘଟଣା। ଏହାକୁ ହାଲୁକା ଭାବେ ନନେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ନିକଟରେ ଶାସ୍ତ୍ରୀନଗର ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ନିରୀହ, ନିରପରାଧ ବ୍ୟକ୍ତିଙ୍କ ଜୀବନ କାର ଧକ୍କାରେ ଚାଲିଗଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଉଚ୍ଛନ୍ନ ହୋଇଗଲା। କାର ଚାଳକ ଜଣକ ପ୍ରଚୁର ମଦ୍ୟପାନ କରି ବେପରୁଆ ଭାବେ ଗାଡ଼ି ଚଳାଉଥିଲେ। ଗୋଟିଏ ବାକ୍ୟରେ କହିଲେ ସେ ଜଣେ ନିରୀହ ବ୍ୟକ୍ତିଙ୍କୁ ବିନା କାରଣରେ ରାସ୍ତା ଉପରେ ହତ୍ୟା କରିଛନ୍ତି। ଦେଖାଯାଉ ଆମ ଆଇନ ବ୍ୟବସ୍ଥାରେ ତାଙ୍କୁ କେତେ ଶୀଘ୍ର ଏବଂ କିଭଳି ଦଣ୍ଡ ମିଳୁଛି। ଯଦି ସମ୍ପୃକ୍ତ ବ୍ୟକ୍ତି ଜଣକ ଆଇନ ଆଖିରେ ଧୂଳି ଦେଇ ଖସି ଚାଲିଯିବାରେ ସଫଳ ହେବେ ତେବେ ଆମ ଆଇନ ବ୍ୟବସ୍ଥାକୁ ଧିକ। ଏହାର ପୁନର୍ବିଚାର ଏବଂ ସଡ଼କ ଦୁର୍ଘଟଣା ରୋକିବାକୁ କଠୋର ଆଇନ ପ୍ରଣୟନ କରାଯିବା ନିହାତି ଜରୁରୀ।

# ଚୀନର ଜାତିଗତ ଏକତା ଆଇନ: ବିବିଧତାର ସୁରକ୍ଷା ନା ସମାନତାର ଚାପ ?

**ଅସଦ୍ ମିର୍ଜ୍**

ଜୁଲାଇ ୧, ୨୦୨୬ରୁ କାର୍ଯ୍ୟକାରୀ ହୋଇଥିବା ଚୀନର 'ଜାତିଗତ ଏକତା ଏବଂ ପ୍ରଗତି ପ୍ରୋତ୍ସାହନ ଆଇନ' ଦେଶର ଜାତିଗତ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତି ବେଜିଂର ନୀତିରେ ଏକ ନୂଆ ଏବଂ ନିର୍ଣ୍ଣାୟକ ପରିବର୍ତ୍ତନର ସଙ୍କେତ ଦେଇଛି। ଚୀନ ସରକାର ଏହାକୁ ଜାତୀୟ ଏକତା, ସାମାଜିକ ସ୍ଥିରତା ଓ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ଏକ ଆବଶ୍ୟକ ପଦକ୍ଷେପ ବୋଲି ଦାବି କରୁଥିବାବେଳେ ଆନ୍ତର୍ଜାତିକ ପର୍ଯ୍ୟବେକ୍ଷକ, ମାନବାଧିକାର ସଂଗଠନ ଏବଂ ଅନେକ ବିଶ୍ଳେଷକ ମତ ପ୍ରକାଶ କରିଛନ୍ତି ଯେ ଏହି ଆଇନର ପ୍ରକୃତ ଉଦ୍ଦେଶ୍ୟ ଜାତିଗତ ବିବିଧତାକୁ ସୁରକ୍ଷା ଦେବା ନୁହେଁ, ବରଂ ଏକରୂପତାକୁ ପ୍ରତିଷ୍ଠା କରିବାର ପ୍ରୟାସ। ସମାଲୋଚକଙ୍କ ମତରେ ଏହି ଆଇନ ଉଇଘୁର, ତିବ୍ବତୀ, ମଙ୍ଗୋଲିଆନ ଓ ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ସ୍ୱତନ୍ତ୍ର ଭାଷା, ସଂସ୍କୃତି, ପରମ୍ପରା ଏବଂ ଧାର୍ମିକ ପରିଚୟକୁ ଧୀରେ ଧୀରେ ଦୁର୍ବଳ କରି ସେଗୁଡ଼ିକୁ କମ୍ୟୁନିଷ୍ଟ ପାର୍ଟିକୁ କେନ୍ଦ୍ର କରି ଗଢ଼ାଯାଇଥିବା ଏକକ 'ଚାଇନିଜ୍ ନେସନ୍ କମ୍ୟୁନିଟି'ରେ ମିଶାଇବା। ଏଥିପାଇଁ ଏହି ଆଇନକୁ ଅନେକ ଜାତିଗତ ଏକତାର ଆଇନ ନୁହେଁ ବରଂ ସାଂସ୍କୃତିକ ଆତ୍ମସାତ୍କରଣକୁ ଆଇନଗତ ସ୍ୱୀକୃତି ଦେବାର ଏକ ପଦକ୍ଷେପ ବୋଲି ବିବେଚନା କରୁଛନ୍ତି ଓ

ଏହି ଆଇନର କେନ୍ଦ୍ରବିନ୍ଦୁରେ ରହିଛି 'ସାଧାରଣ ଜାତୀୟ ପରିଚୟ' ଗଠନର ଧାରଣା ଓ ଜାତୀୟ ଏକତାର ନାମରେ ଏହା ଜାତିଗତ ସଂଖ୍ୟାଲଘୁମାନଙ୍କୁ ସେମାନଙ୍କର ଭାଷା, ସଂସ୍କୃତି ଓ ଧାର୍ମିକ ପରିଚୟ ପରିବର୍ତ୍ତ ? ରାଜ୍ୟ-ନିର୍ଦ୍ଦିଷ୍ଟ ଚୀନ ପରିଚୟକୁ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରେ। ଏହାର ଏକ ପ୍ରମୁଖ ବ୍ୟବସ୍ଥା ହେଉଛି ଶିକ୍ଷାକ୍ଷେତ୍ରରେ ମାଣ୍ଡାରିନ୍ ଚାଇନିଜ୍ ?କୁ ବାଧ୍ୟତାମୂଳକ କରିବା । ଫଳରେ ସଂଖ୍ୟାଲଘୁ ଭାଷାର ବ୍ୟବହାର ଓ ଗୁରୁତ୍ୱ ହ୍ରାସ ପାଇବା ସହ ସେମାନଙ୍କର ସାଂସ୍କୃତିକ ପରିଚୟ ଧୀରେ ଧୀରେ ଦୁର୍ବଳ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଏହି ଆଇନ କେବଳ ଶିକ୍ଷାକ୍ଷେତ୍ରରେ ସୀମିତ ନୁହେଁ । ଏହା ସରକାରୀ ସଂସ୍ଥା, ବ୍ୟବସାୟିକ ପ୍ରତିଷ୍ଠାନ, ସାମାଜିକ ସଂଗଠନ ଏବଂ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଏକକ ଜାତୀୟ ପରିଚୟକୁ ପ୍ରୋତ୍ସାହିତ କରିବାକୁ ବାଧ୍ୟ କରେ । ବିଶେଷକରି ଧାର୍ମିକ ଅନୁଷ୍ଠାନଗୁଡ଼ିକୁ 'ସିନିସାଇଜେସନ୍' ନୀତି ଅନୁସରଣ କରି ଧାର୍ମିକ ବିଶ୍ୱାସ ଓ ପରମ୍ପରାକୁ ରାଜ୍ୟର ସମାଜବାଦୀ ଆଦର୍ଶ ସହ ଖାପ ଖୁଆଇବାକୁ କୁହାଯାଇଛି। ସମାଲୋଚକଙ୍କ ମତରେ ଏହା ଧାର୍ମିକ ସ୍ୱାଧୀନତା ଉପରେ ରାଜ୍ୟର ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଉଛି।

ଏହି ଆଇନର ସବୁଠାରୁ ବିବାଦୀୟ ଦିଗ ହେଉଛି ଏହାର ପ୍ରଭାବ ଚୀନ ସୀମା ବାହାରକୁ ମଧ୍ୟ ବିସ୍ତାରିତ ହେବା । ଆଇନ ଅନୁଯାୟୀ ବିଦେଶରେ ଥିବା କୌଣସି ବ୍ୟକ୍ତି କିମ୍ବା ସଂଗଠନ ଯଦି ଜାତିଗତ ବିଚ୍ଛିନ୍ନତାକୁ ପ୍ରୋତ୍ସାହନ ଦେଉଛନ୍ତି କିମ୍ବା ଚୀନର ଜାତୀୟ ଏକତାକୁ କ୍ଷୁଣ୍ଣ କରୁଛନ୍ତି ବୋଲି ଅଭିଯୋଗ ହୁଏ ତେବେ ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯାଇପାରିବ ଛ ଏହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି ଯେ ବେଜିଂ ଏହି ବ୍ୟବସ୍ଥାକୁ ବ୍ୟବହାର କରି ତିବ୍ବତ, ଜିନଜିଆଙ୍ଗ ଓ ଅନ୍ୟାନ୍ୟ ସଂଖ୍ୟାଲଘୁ ପ୍ରସଙ୍ଗରେ ସ୍ୱର ଉଠାଉଥ ?ବା ବିଦେଶସ୍ଥ କର୍ମୀ, ଗବେଷକ ଓ ପ୍ରବାସୀ ସମ୍ପ୍ରଦାୟଙ୍କ ଉପରେ ଚାପ ସୃଷ୍ଟି କରିପାରେ।

ଜିନଜିଆଙ୍ଗର ଉଇଘୁର ସମ୍ପ୍ରଦାୟ ପାଇଁ ଏହି ଆଇନ ପୂର୍ବରୁ ଚାଲିଆସୁଥିବା ବିବାଦୀୟ ନୀତିଗୁଡ଼ିକୁ ଆଇନଗତ ସ୍ୱୀକୃତି ଦେଇଛି। ଗଣବନ୍ଦୀ, ବଳପୂର୍ବକ ଶ୍ରମ, ଧାର୍ମିକ ସ୍ୱାଧୀନତା ଉପରେ କଟକଣା, ପରିବାର ବିଚ୍ଛିନ୍ନତା ଏବଂ ସାଂସ୍କୃତିକ ଐତିହ୍ୟର ଧ୍ୱଂସ ଭଳି ପଦକ୍ଷେପକୁ ନେଇ ପୂର୍ବରୁ ଆନ୍ତର୍ଜାତିକ ସ୍ତରରେ ଚିନ୍ତା ପ୍ରକାଶ ପାଇଥିଲା ଓ ନୂତନ ଆଇନ ଏହି ପଦକ୍ଷେପଗୁଡ଼ିକୁ ଆହୁରି ସୁଦୃଢ଼ କରି ଉଇଘୁର ପରିଚୟର ପ୍ରକାଶ ଉପରେ ରାଜ୍ୟର ନିୟନ୍ତ୍ରଣକୁ ବଢ଼ାଇଛି।

ତିବ୍ବତୀୟ ବୌଦ୍ଧମାନଙ୍କ କ୍ଷେତ୍ରରେ ମଧ୍ୟ ଏହି ଆଇନର ପ୍ରଭାବ ଗଭୀର । ଏହା ମଠ, ଧାର୍ମିକ ଶିକ୍ଷା ଏବଂ ଧାର୍ମିକ ନେତୃତ୍ୱ ଉପରେ ରାଜ୍ୟର ନିୟନ୍ତ୍ରଣକୁ ଆହୁରି କଠୋର କରିଛି। ସେହିପରି ତିବ୍ବତୀୟ ଶିଶୁମାନଙ୍କୁ ରାଜ୍ୟ ପରିଚାଳିତ ବୋର୍ଡିଂ ସ୍କୁଲରେ ମାଣ୍ଡାରିନ୍ ? ମାଧ୍ୟମରେ ଶିକ୍ଷା ଦେବା ନୀତିକୁ ମଧ୍ୟ ଏହା ସୁଦୃଢ଼ କରିଛି। ସମାଲୋଚକଙ୍କ ମତରେ ଏହା ତିବ୍ବତୀୟ ଭାଷା, ସଂସ୍କୃତି ଓ ଧାର୍ମିକ ପରିଚୟକୁ ଧୀରେ ଧୀରେ କ୍ଷୟ କରିପାରେ ଓ

ଏହି ଆଇନକୁ ନେଇ ଆନ୍ତର୍ଜାତୀୟ ସ୍ତରରେ ତୀବ୍ର ସମାଲୋଚନା ହୋଇଛି ଓ ମାନବାଧିକାର ସଂଗଠନ, ପାଶ୍ଚାତ୍ୟ ଦେଶ ଏବଂ ତିବ୍ବତୀୟ ଓ ଉଇଘୁର ନିର୍ବାସିତ ସମ୍ପ୍ରଦାୟ ଏହାକୁ ସଂଖ୍ୟାଲଘୁ ସଂସ୍କୃତିକୁ ଲୋପ କରିବାର ଏକ ପ୍ରୟାସ ବୋଲି ବର୍ଣ୍ଣନା କରିଛନ୍ତି ଓ ୟୁରୋପୀୟ ସଂସଦ ଏହି ଆଇନକୁ ନେଇ ଚିନ୍ତା ପ୍ରକାଶ କରିଥିବାବେଳେ, ଆମେରିକାର ଆଇନ ପ୍ରଣେତାମାନେ ଏହା ବିରୋଧରେ ଅଧିକ ଦୃଢ଼ କୂଟନୈତିକ ପଦକ୍ଷେପ ନେବାକୁ ଆହ୍ୱାନ କରିଛନ୍ତି। ସେହିପରି ଆମନେଷ୍ଟି ଇଣ୍ଟରନ୍ୟାସନାଲ୍ ସମେତ ବିଭିନ୍ନ ଅଧିକାର ସଂଗଠନ ମତ ଦେଇଛନ୍ତି ଯେ ଏହି ଆଇନ ଚୀନର ସାମ୍ବିଧାନିକ ବ୍ୟବସ୍ଥା ଓ ଆନ୍ତର୍ଜାତିକ ମାନବାଧିକାର ମାନଦଣ୍ଡ ସହ ସଙ୍ଗତିପୂର୍ଣ୍ଣ ନୁହେଁ।

ଅନ୍ୟପକ୍ଷରେ ଚୀନ ସରକାର ସମସ୍ତ ସମାଲୋଚନାକୁ ଖଣ୍ଡନ କରିଛି ଓ ବେଜିଂର ମତରେ, ଏହି ଆଇନ ଜାତୀୟ ଏକତା, ସାର୍ବଭୌମତ୍ୱ ଓ ସାମାଜିକ ସ୍ଥିରତାକୁ ସୁଦୃଢ଼ କରିବା ପାଇଁ ଏକ ବୈଧ ପଦକ୍ଷେପ । ସରକାର କହିଛି ଯେ ଏହାର ଉଦ୍ଦେଶ୍ୟ ବିଚ୍ଛିନ୍ନତାବାଦ ଓ ଉଗ୍ରବାଦକୁ ରୋକିବା ସହ ସମସ୍ତ ଜାତିଗତ ଅଞ୍ଚଳର ସମାନ ବିକାଶ ସୁନିଶ୍ଚିତ କରିବା ଏବଂ ଏହା ଶିକ୍ଷା, ବାଣିଜ୍ୟ କିମ୍ବା ସାଧାରଣ ସାଂସ୍କୃତିକ ଆଦାନ-ପ୍ରଦାନରେ କୌଣସି ବାଧା ସୃଷ୍ଟି କରୁ ନାହିଁ।

ଭାରତ ଏହି ଆଇନ ପ୍ରତି ସତର୍କ ଓ ସନ୍ତୁଳିତ ପ୍ରତିକ୍ରିୟା ପ୍ରକାଶ କରିଛି। ଧର୍ମଶାଳାସ୍ଥିତ କେନ୍ଦ୍ରୀୟ ତିବ୍ବତୀୟ ପ୍ରଶାସନ (ଉଞ୍ଚଇ) ଏହାକୁ ତିବ୍ବତୀୟ ପରିଚୟ ଉପରେ ସିଧାସଳଖ ଆକ୍ରମଣ ବୋଲି ବର୍ଣ୍ଣନା କରି କଡ଼ା ବିରୋଧ କରିଛିଛ ଉଞ୍ଚଇ ସଭାପତି ପେନପା ସେରିଂ କହିଛନ୍ତି ଯେ ସାଂସ୍କୃତିକ ଓ ଧାର୍ମିକ ବିବିଧତାକୁ ସମ୍ମାନ ଦେବାରେ ଭାରତର ପରମ୍ପରା ଓ ଚୀନର ସାଂସ୍କୃତିକ ଏକରୂପତା ନୀତି ଭିତରେ ଅନେକ ପାର୍ଥକ୍ୟ ଓ

ଅନ୍ୟପକ୍ଷରେ, ଭାରତ ସରକାର ଏହି ପ୍ରସଙ୍ଗରେ ସଂଯମୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଛ ତିବ୍ବତ ଓ ହିମାଳୟ ଅଞ୍ଚଳର ପରିସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କରୁଥିଲେ ମଧ୍ୟ ଚୀନ ସହ ଦ୍ୱିପାକ୍ଷିକ ସମ୍ପର୍କ ଓ ସୀମାରେ ସ୍ଥିରତା ବଜାୟ ରଖିବାକୁ ନୂଆଦିଲ୍ଲୀ ପ୍ରାଥମିକତା ଦେଇଛି। ଆର୍ଥିକ ସମ୍ପର୍କ ଓ ଆଞ୍ଚଳିକ ସୁରକ୍ଷାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭାରତ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ବେଜିଂ ସହ ସିଧାସଳଖ ମୁହାଁମୁହିଁ ସଂଘର୍ଷକୁ ଏଡ଼ାଇବାକୁ ଚେଷ୍ଟା କରୁଛିଛ

ଚୀନର ନୂତନ ଜାତିଗତ ଏକତା ଆଇନ କେବଳ ଏକ ଘରୋଇ ଆଇନ ନୁହେଁ; ଏହା ରାଷ୍ଟ୍ର ଗଠନ ସମ୍ପର୍କରେ ବେଜିଂର ବ୍ୟାପକ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ଏହି ଆଭିମୁଖ୍ୟରେ ବିବିଧତାକୁ ଏକ ଶକ୍ତି ଭାବରେ ନୁହେଁ ବରଂ ରାଜନୈତିକ ଏକତା ପାଇଁ ଏକ ସମ୍ଭାବ୍ୟ ଚ୍ୟାଲେଞ୍ଜ ଭାବେ ଦେଖାଯାଉଛି। ସାଂସ୍କୃତିକ ଆତ୍ମସାତ୍କରଣକୁ ଆଇନଗତ ସମର୍ଥନ ଦେଇ ଚୀନ ସରକାର ସ୍ପଷ୍ଟ କରିଛି ଯେ ସମସ୍ତ ଜାତିଗତ ସମ୍ପ୍ରଦାୟକୁ କମ୍ୟୁନିଷ୍ଟ ପାର୍ଟି ଦ୍ୱାରା ପରିଭାଷିତ ଏକକ ଜାତୀୟ ପରିଚୟ ସହିତ ଖାପ ଖୁଆଇବାକୁ ହେବ ।

ତଥାପି ଏହି ପଦ୍ଧତି ଦୀର୍ଘସ୍ଥାୟୀ ଏକତା ଆଣିପାରିବ କି ନାହିଁ, ତାହା ନେଇ ପ୍ରଶ୍ନ ରହିଛି ! ଇତିହାସ କୁହେ ଯେ ବିବିଧତାକୁ ସମ୍ମାନ ଓ ସୁରକ୍ଷା ଦେଇଥିବା ସମାଜ ଅଧିକ ସ୍ଥାୟୀ ଭାବରେ ଏକତା ବଜାୟ ରଖିପାରେ । ଆଇନଗତ ଚାପ ମାଧ୍ୟମରେ ସୃଷ୍ଟି ହୋଇଥିବା ଏକତାଠାରୁ ବିଶ୍ୱାସ, ସମାବେଶ ଓ ପାରସ୍ପରିକ ସମ୍ମାନ ଦ୍ୱାରା ଗଢ଼ିଉଠିଥିବା ଏକତା ଅଧିକ ସୁଦୃଢ଼ ଓ ସ୍ଥାୟୀ ହୋଇଥାଏ। ଚୀନର ନୂତନ ଆଇନ ଏକ ମୌଳିକ ପ୍ରଶ୍ନ ଉଠାଉଛି ଯେ ପ୍ରକୃତ ଜାତୀୟ ଏକତା ସାଂସ୍କୃତିକ ପାର୍ଥକ୍ୟକୁ ହ୍ରାସ କରି ହାସଲ କରାଯାଇପାରିବ ନା ଏକ ଦେଶର ଐତିହାସିକ ଓ ସାଂସ୍କୃତିକ ବିବିଧତାକୁ ସୁରକ୍ଷା ଦେଇ ହିଁ ସ୍ଥାୟୀ ସ୍ଥିରତା ସୁନିଶ୍ଚିତ କରାଯାଇପାରିବ ?

# ମା' ପେଣ୍ଡ୍ରାଣୀ: ଭକ୍ତି ଓ ବିଶ୍ୱାସର ଅଧିଷ୍ଠାତ୍ରୀ ଦେବୀ

**ଉମାକାନ୍ତ ସାହୁ**

ମା' ବୋଲି ଅନ୍ତରରୁ ଥରେ ଡାକିଲେ ସେ ନିଜ ସନ୍ତାନର ଦୁଃଖକଷ୍ଟ ଦୂର କରିଦିଅନ୍ତି। ଯୁଗ ଯୁଗ ଧରି ଏହି ବିଶ୍ୱାସ ଭକ୍ତମାନଙ୍କ ମନରେ ଅଟୁଟ ରହିଆସିଛି। ଭକ୍ତଙ୍କ ଆସ୍ଥା ଓ ଶ୍ରଦ୍ଧାର ପ୍ରତୀକ ଭାବେ ଆଦିଶକ୍ତି ବିଭିନ୍ନ ରୂପରେ ଧରାପୃଷ୍ଠରେ ଆବିର୍ଭୂତ ହୋଇଥାନ୍ତି। ସେହି ଆଦିଶକ୍ତିଙ୍କ ଏକ ପୂଜନୀୟ ରୂପ ହେଉଛନ୍ତି ମା' ପେଣ୍ଡ୍ରାଣୀ। ନବରଙ୍ଗପୁର ଜିଲ୍ଲାର ଉମରକୋଟ ସହରର ଅଧିଷ୍ଠାତ୍ରୀ ଦେବୀ ଭାବେ ସେ ବିରାଜମାନ। କେବଳ ସ୍ଥାନୀୟ ଅଞ୍ଚଳ ନୁହେଁ, ରାଜ୍ୟ ବାହାରେ ମଧ୍ୟ ମା'ଙ୍କ ମହିମା ଓ ଅଲୌକିକ କୃପାର ପ୍ରଚାର ରହିଛି।





ଲୋକକଥା ଅନୁସାରେ ମା'ଙ୍କ ଜନ୍ମ ବର୍ତ୍ତମାନର ଛତିଶଗଡ଼ ରାଜ୍ୟର ବିଶ୍ରାମପୁର ଅଞ୍ଚଳ ଅନ୍ତର୍ଗତ ପେଣ୍ଡରାଗଣ୍ଡ ଗ୍ରାମରେ ହୋଇଥିଲା। ତାଙ୍କ ମାତାଙ୍କ ନାମ ମୁତଙ୍ଗଇ ଓ ପିତାଙ୍କ ନାମ ବୁଇଁ ଗଣ୍ଡା ବୋଲି କୁହାଯାଏ। ବିବାହ ପରେ ମଧ୍ୟ ମା' ନିଜ ସ୍ୱାମୀଙ୍କ ସହ ବାପଘରେ ରହୁଥିଲେ। କିନ୍ତୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ତାଙ୍କ ଭାଇମାନେ ନିଜ ଜାମାତାଙ୍କୁ ହତ୍ୟା କରି ଏକ ଜମିରେ ସମାଧି ଦେଇଥିଲେ। ସ୍ୱାମୀଙ୍କ ବିୟୋଗ ସହି ନ ପାରି ମା' ମଧ୍ୟ ସେହି ସ୍ଥାନରେ ଆତ୍ମାହୁତି ଦେଇ ସତୀ ହୋଇଥିଲେ। ପରେ ସେ ନିଜ ପିତାମାତାଙ୍କୁ ସ୍ୱପ୍ନାଦେଶ ଦେଇ କହିଥିଲେ ଯେ ସେ ପେଣ୍ଡରା ବୃକ୍ଷ ତଳେ ପୁନର୍ବାର ପ୍ରକଟ ହେବେ ଏବଂ ସେଠାରେ ତାଙ୍କ ପୂଜା କରାଯାଉ। ସେହି ଦିନଠାରୁ ସେ 'ମା' ପେଣ୍ଡ୍ରାଣୀ' ନାମରେ ପୂଜା ପାଇବା ଆରମ୍ଭ କରିଥିଲେ।

ସମୟକ୍ରମେ ମା'ଙ୍କ ପୂଜା ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ପୂଜାରୀ ଭରଣ୍ଡୀ ଗ୍ରାମରେ ଆରମ୍ଭ ହୋଇଥିଲା। ଆଉ ଏକ ଲୋକକଥା ଅନୁସାରେ, ବହୁ ବର୍ଷ ପୂର୍ବ ? ଜୟପୁରର ରାଜା ଉମରକୋଟ ଗସ୍ତରେ ଆସିଥିବା ବେଳେ ତାଙ୍କର ପ୍ରିୟ ଅଶ୍ୱ ହଜିଯାଇଥିଲା। ରାଜା ମା'ଙ୍କ ମହିମା ପରୀକ୍ଷା କରିବା ପାଇଁ ମନରେ ସଂକଳ୍ପ କରିଥିଲେ ଯେ, ଯଦି ତାଙ୍କ ଅଶ୍ୱ ଫେରି ମିଳିଯାଏ, ତେବେ ସେ ଉମରକୋଟରେ ମା'ଙ୍କ ନାମରେ ଏକ ମନ୍ଦିର ନିର୍ମାଣ କରାଇବେ। ପରଦିନ ଅଶ୍ୱଟି ଆସି ରାଜାଙ୍କ ଶିବିର ନିକଟରେ ପହଞ୍ଚିଥିଲା। ଏହାପରେ ରାଜା ନିଜ ସଂକଳ୍ପ ପୂରଣ କରି ଉମରକୋଟରେ ମା' ପେଣ୍ଡ୍ରାଣୀଙ୍କ ମନ୍ଦିର ନିର୍ମାଣ କରାଇଥିଲେ। ସେହି ଦିନଠାରୁ ମା'ଙ୍କ ମହିମା ଦୂରଦୂରାନ୍ତରେ ପ୍ରସାରିତ ହୋଇଆସିଛି।

ବର୍ତ୍ତମାନ ମା' ପେଣ୍ଡ୍ରାଣୀ ନବନିର୍ମିତ ମନ୍ଦିରରେ ପୂଜା ପାଉଛନ୍ତି। ରବିବାର ମା'ଙ୍କର ବିଶେଷ ପୂଜା ବାର ହୋଇଥିବାରୁ ଏହି ଦିନ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତ ଦର୍ଶନ ପାଇଁ ଆସିଥାନ୍ତି। ମା'ଙ୍କ ନିକଟରେ ମନାସି ଅନେକ ଭକ୍ତଙ୍କ ମନସ୍କାମନା ପୂରଣ ହୋଇଥିବାର ବିଶ୍ୱାସ ରହିଛି।

ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଭାବେ ମା' ପେଣ୍ଡ୍ରାଣୀଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି। ଉମରକୋଟରେ ରଥଯାତ୍ରା ସମୟରେ ମା'ଙ୍କ ବିମାନ ରଥାରୂଢ଼ ନ ହେବା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ରଥ ଗଡ଼ି ନଥାଏ ବୋଲି ପରମ୍ପରା ରହିଛି। ସେହିପରି ବାହୁଡ଼ା ଯାତ୍ରା ପରବର୍ତ୍ତୀ ସୋମବାର ଦିନ ମା' ପେଣ୍ଡ୍ରାଣୀଙ୍କ ବାର୍ଷିକ ଯାତ୍ରା ମହାଆଡ଼ମ୍ବରରେ ପାଳନ କରାଯାଏ। ଏହି ଅବସରରେ ହଜାର ହଜାର ଭକ୍ତଙ୍କ ସମାଗମରେ ସମଗ୍ର ଉମରକୋଟ ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠେ।

ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ, ମା'ଙ୍କ କୃପାରେ ତାଙ୍କ ପୀଠରେ କେହି ଭୋକିଲା ରୁହନ୍ତି ନାହିଁ। ଯେଉଁମାନେ ମା'ଙ୍କ ଆଶ୍ରୟ ଗ୍ରହଣ କରି ଉମରକୋଟ ମାଟିରେ ବସବାସ କରିଛନ୍ତି, ସେମାନେ ସୁଖ, ଶାନ୍ତି ଓ ସମୃଦ୍ଧି ଲାଭ କରିଥିବା ବୋଲି ଅଗଣିତ ଭକ୍ତଙ୍କ ବିଶ୍ୱାସ। ତେଣୁ ମା' ପେଣ୍ଡ୍ରାଣୀ ଆଜି ମଧ୍ୟ ଭକ୍ତି, ବିଶ୍ୱାସ ଓ ଆସ୍ଥାର ଅନନ୍ୟ ପ୍ରତୀକ ଭାବେ ଅସଂଖ୍ୟ ଭକ୍ତଙ୍କ ହୃଦୟରେ ବିରାଜମାନ।

# ବର୍ଷା ଋତୁ, ଲିଭର ଓ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଚଳିତ ମୌସୁମୀ ବର୍ଷାର ଅସ୍ୱାସ୍ଥ୍ୟକର ଚିତ୍ର ମୁମ୍ବାଇ ଓ ଭାରତର କିଛି ମହାନଗରୀରରେ ଏକ ଜଟିଳ ସ୍ୱାସ୍ଥ୍ୟ ସଂକ୍ରମଣକୁ ସୃଷ୍ଟି କରିଛି। ଗଣମାଧ୍ୟମର ଖବର ଅନୁଯାୟୀ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଏହି ସଂକ୍ରମଣରେ ଲେପ୍ଟୋସ୍ପାଇରୋସିସର ପ୍ରଭାବୀ ଭୂମିକା ସମ୍ପର୍କରେ ତଥ୍ୟ ରଖିଛନ୍ତି। ସାଧାରଣତଃ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ହେଉଛି ଏକ ବ୍ୟାକ୍ଟେରିଆ ଜନିତ ରୋଗ ଯାହାକି ପ୍ରାୟତଃ ବର୍ଷା ଦିନରେ ହିଁ ଏହାର ଭୟଙ୍କର ରୂପ ଦେଖାଇଥାଏ। ଯେତେବେଳେ ଜଣେ ମୂଷାର ପରିସ୍ରା ଦ୍ୱାରା ଦୂଷିତ ପାଣି କିମ୍ବା ମାଟି ସଂସ୍ପର୍ଶରେ ଆସିଥାଏ ସେତେବେଳେ ଏହି ରୋଗକୁ ସାମ୍ନା କରିଥାଏ। ପୃଥିବୀ ବିଖ୍ୟାତ ଗବେଷଣାଭିତ୍ତିକ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍' ଏହାର ଚଳିତ ଜୁଲାଇ ସଂଖ୍ୟାରେ ଏହି ରୋଗ ସମ୍ପର୍କରେ ବିଶେଷ ଭାବରେ ଉଲ୍ଲେଖ କରିଛି। ବିଶ୍ୱର ସବୁଠାରୁ ଘାତକ ଓ ସଂକ୍ରମଣ ଜୁନୋଟିକ୍ ରୋଗ ଭିତରୁ ଏହା ଅନ୍ୟତମ। ଏହି ରୋଗର ଭୟାବହତା ବିଶେଷକରି ପ୍ରବଳ ବର୍ଷା ଓ ବନ୍ୟା ସମୟରେ ଜନସ୍ୱାସ୍ଥ୍ୟ କ୍ଷେତ୍ରର ବଡ଼ ସମସ୍ୟା ଭାବରେ ସାମ୍ନାକୁ ଆସିଥାଏ। ଉଦବେଗଜନକ ତଥ୍ୟ ହେଉଛି ପ୍ରାରମ୍ଭିକ ସମୟରେ ଅନେକ ଏହାକୁ ଚିହ୍ନଟ କରିପାରିନଥାନ୍ତି। ଯାହାକି ପରବର୍ତ୍ତୀ ସମୟରେ ଏକ ସାଂଘାତିକ ରୂପ ଦେଖାଇଥାଏ।

ଲେପ୍ଟୋସ୍ପାଇରା ପ୍ରଜାତିର ବ୍ୟାକ୍ଟେରିଆ ଲେପ୍ଟୋସ୍ପାଇରୋସିସ୍ ଏଥିପାଇଁ ଦାୟୀ। ସେହିପରି ଆମେରିକାର ସେଣ୍ଟର ଫର ଡିଜଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ ଅନୁଯାୟୀ ଦୂଷିତ କାଦୁଅ କିମ୍ବା ଜଳ ସଂସ୍ପର୍ଶରେ ଆସିଲେ ଏହି ବ୍ୟାକ୍ଟେରିଆ ଚର୍ମ, ପାଟି, ଆଖି ଓ ନାକ ଦେଇ ଜଣଙ୍କ ଶରୀରକୁ ପ୍ରବେଶ କରି ସଂକ୍ରମିତ କରିଥାଏ। କେବଳ ମୂଷା ମାନଙ୍କ ସହିତ ନୁହେଁ ଏହି ଘାତକ ଜୀବାଣୁମାନେ କୁକୁର, ଗୋରୁଗାଈ, ଘୁଷୁରୀ ଓ ଚଢ଼େଇ ମାନଙ୍କ ଦ୍ୱାରା ବ୍ୟାପିଥାଏ। ପ୍ରବଳ ବର୍ଷା ହେଉଥିବା ସମୟରେ ଯେଉଁମାନେ ସୁରକ୍ଷିତ ଜୋତା ନପିନ୍ଧି ବନ୍ୟା ପାଣିରେ ଚାଲନ୍ତି ଏପରିକି ସଫେଇ କର୍ମଚାରୀ, ଉଦ୍ଧାରକାରୀ ଦଳ ଓ ଚାଷୀମାନେ ସହଜରେ ଏଭଳି ସଂକ୍ରମଣର ଶିକାର ହୋଇଥାନ୍ତି। ତେବେ ଏହାର ଉଦବେଗଜନକ ଚିତ୍ରଟି ହେଉଛି ଆମେ ଆଲୋଚନା କରୁଥିବା ଲୋପ୍ଟୋସ୍ପାଇରୋସିସର ପ୍ରାରମ୍ଭିକ ଲକ୍ଷଣ ଗୁଡ଼ିକ ପ୍ରାୟତଃ ଇନଫ୍ଲୁଏଞ୍ଜା କିମ୍ବା ଅନ୍ୟ ସାଧାରଣ ଋତୁକାଳୀନ ରୋଗ ଭଳି ଜଣକୁ ଲାଗିଥାଏ। ସାଧାରଣତଃ କେହି ସଂକ୍ରମଣର ପ୍ରାରମ୍ଭିକ ଲକ୍ଷଣ ହେଉଛି ଜଣଙ୍କ ଦେହରେ ଜ୍ୱର ସହିତ ମୁଣ୍ଡବିନ୍ଧା ହୋଇଥାଏ, ମାଂସପେଶୀରେ ଲଗାତର ଯନ୍ତ୍ରଣା ଦେଖାଯାଏ, ଅତ୍ୟଧିକ କ୍ଳାନ୍ତି ଓ ସମଗ୍ର ଦେହ ଘୋଳା ବିନ୍ଧା ଅନୁଭବ ହୁଏ, ଜଣକୁ ଅସ୍ୱାଭାବିକ ଭାବରେ ଶୀତ ଲାଗିଥାଏ ଏବଂ ବେଳେ ବେଳେ କମ୍ପ ଆସିବା ପରି ଅନୁଭବ ହୁଏ, ଖାଦ୍ୟ ଅରୁଚିକର ଲାଗେ, ବାନ୍ତି ଲଗାତର ଭାବେ ଦେଖାଯାଏ ଏବଂ ଝାଡ଼ା ପରିସ୍ରାରେ ସମସ୍ୟା ଦେଖାଯାଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଏହି ଲେପ୍ଟୋସ୍ପାଇରୋସିସର ସଂକ୍ରମଣର ବର୍ଷା ଋତୁରେ ଜଟିଳତା ହେଉଛି ଏହା ଖାଦ୍ୟ ପରିପାକ ସମସ୍ୟା ଓ ଲିଭରକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର, କିଡ଼ନୀ, ଫୁସଫୁସ୍ ଓ ମସ୍ତିଷ୍କକୁ ଏହା ପ୍ରଭାବିତ କରିଥାଏ। ଲିଭର ଏହାର ସହଜ ଶିକାର ହୋଇ ଅନବରତ ଭାବେ ପେଟ ଟାଣିବା ପରି ଅନୁଭବ ହୁଏ ଏବଂ ଝାଡ଼ା ଲାଗିଥାଏ କିନ୍ତୁ ଶୌଚାଳୟକୁ ଯିବା ପରେ ଝାଡ଼ା ହୋଇନଥାଏ। ପେଟ ଫାମ୍ପିଲା ପରି ଅନୁଭବ ହୁଏ ଓ କେତେକ କ୍ଷେତ୍ରରେ ଭୋକ ଲାଗିଥାଏ କିନ୍ତୁ ଜଣେ ଖାଦ୍ୟ ଖାଇବା ଆରମ୍ଭ କରିବା ମାତ୍ରେ ତାଙ୍କୁ ବିରକ୍ତିକର ଲାଗେ ଓ ଖାଦ୍ୟ ଅରୁଚିକର ହୋଇଥାଏ। କେତେକ କ୍ଷେତ୍ରରେ ଏହା ପେଟକୁ ଏପରି ସଂକ୍ରମିତ କରିଥାଏ ଯେ ଜଣେ ଖାଦ୍ୟ ନଖାଇବା ଦ୍ୱାରା ତାଙ୍କ ଶରୀରରେ ଜଳୀୟ ଶୁଷ୍କତା ଦେଖାଯାଏ। ଏହାର ଗୁରୁତ୍ୱପୂର୍ଣ୍ଣ ପାର୍ଶ୍ୱପ୍ରତିକ୍ରିୟା ସ୍ୱରୂପ ଅନେକ କ୍ଷେତ୍ରରେ ଅଭ୍ୟନ୍ତରୀଣ ରକ୍ତସ୍ରାବ, କିଡ଼ନୀ ଫେଲ ଓ ମେନିଞ୍ଜାଇଟିସ୍ ଭଳି ସ୍ଥିତି ଦେଖାଇଥାଏ। ତେଣୁ ଏହିପରି ସମସ୍ୟା ସାମ୍ନା କଲାବେଳେ ଜଣେ ଯଦି ଦୂଷିତ ଜଳ, ମାଟି ଓ ପରିବେଶ ସଂସ୍ପର୍ଶରେ ଆସିଥାଏ ତୁରନ୍ତ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।

ଘାତକ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ବର୍ଷା ଋତୁରେ ଏହାର ଭୟାନକ ରୂପ ଦେଖାଇଥାଏ। ଯେକୌଣସି ବ୍ୟକ୍ତିଙ୍କୁ ଏହା ହୋଇପାରେ କିନ୍ତୁ ଯେଉଁମାନେ ବାରମ୍ବାର ବନ୍ୟାଜଳ ଓ ଦୂଷିତ ପାଣିରେ ସଂସ୍ପର୍ଶରେ ଆସିଥାନ୍ତି ସେମାନଙ୍କ ପାଇଁ ଏହା ବିପଦ ସାବ୍ୟସ୍ତ ହୋଇଥାଏ। ଏହା ବ୍ୟତୀତ ଯେଉଁମାନଙ୍କ ଚର୍ମରେ କଟା ଚିହ୍ନ କିମ୍ବା ଦୁର୍ବଳ ପ୍ରତିରୋଧକ ଶକ୍ତି ଥାଏ ସେମାନେ ମଧ୍ୟ ଏହାର ସହଜରେ ସଂକ୍ରମିତ ହୋଇଥାନ୍ତି। ପୂର୍ବରୁ କୌଣସି ଲିଭର ସମସ୍ୟା ଥିଲେ ଲେପ୍ଟୋସ୍ପାଇରୋସିସର ସଂକ୍ରମଣ ହେଲେ ଏହା ଜଣଙ୍କ ଶରୀରକୁ ଅତ୍ୟନ୍ତ ଘାତକ ପେଟ ସମସ୍ୟା ପାଇଁ ବଡ଼ ବିପଦ ସୃଷ୍ଟି କରିଥାଏ। ବର୍ଷା ଦିନରେ ପ୍ରାୟତଃ ପରିପାକ ସମସ୍ୟା ଅନେକଙ୍କର ସ୍ୱାଭାବିକ ନଥାଏ। ସେହିପରି ବର୍ଷା ଦିନରେ ବାହାର ଖାଦ୍ୟ ପ୍ରଦୂଷିତ ହେବାର ଅନେକ ସମ୍ଭାବନା ରହିଥାଏ। ତେଣୁ ଏହି ଋତୁରେ ସୁଷମ ଖାଦ୍ୟ ଓ ଭଲ ଭାବରେ ସିଝା ହୋଇଥିବା ଘରୋଇ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରନ୍ତୁ। ବିଶୋଧିତ ପାଣି, ଫୁଟା ପାଣି ସବୁଠାରୁ ଭଲ। ଆମିଷ ଖାଦ୍ୟ, ବଜାରର ଫାଷ୍ଟଫୁଡ, ଫ୍ରିଜରେ ରହୁଥିବା ଖାଦ୍ୟ ଏସବୁ ଠାରୁ ଦୂରେଇ ରହିବା ସବୁଠାରୁ ଭଲ। ଫଳ ଏହି ଋତୁରେ ପରିପାକ ପାଇଁ ଅନେକଙ୍କ ଠାରେ ସ୍ୱାଭାବିକ ହୋଇନଥାଏ। ତେଣୁ ଏହି ସମୟରେ କମ ଫଳ ଖାଇବା ଭଲ। କୌଣସି ପରିସ୍ଥିତିରେ ନିଶାଦ୍ରବ୍ୟ ଗ୍ରହଣ କରନ୍ତୁ ନାହିଁ। ବର୍ଷାକୁ ସାମ୍ନା କରୁଥିଲେ, ଚାଷୀ ମାନଙ୍କ କ୍ଷେତ୍ର ଏବଂ ଦୂଷିତ ବନ୍ୟାଜଳ ସଂସ୍ପର୍ଶରେ ଆସୁଥିବା ଲୋକମାନେ ୱାଟର ପ୍ରୁଭ୍ ବୁଟ ଓ ଗ୍ଲୋଭସ୍ ବ୍ୟବହାର କରିବା ଜରୁରୀ। ହାତକୁ ଭଲ ଭାବରେ ପରିଷ୍କାର ରଖନ୍ତୁ, କୌଣସି ଛୋଟିଆ ମୋଟିଆ କ୍ଷତ ହୋଇଥିଲେ ତୁରନ୍ତ ୱାଟପ୍ରୁଫ୍ ବ୍ୟାଣ୍ଡେଜ ଲଗାନ୍ତୁ, ଶୀଘ୍ର ଓଦା ପୋଷାକକୁ ବଦଳାନ୍ତୁ ଏବଂ ଘରର ପରିବେଶକୁ ଯଥା ସମ୍ଭବ ମୁକ୍ତ ବାୟୁ, ସନ୍ତସନ୍ତିଆ ପରିବେଶ ଠାରୁ ଦୂରେଇ ରଖନ୍ତୁ। ବର୍ଷା ଦିନରେ ପ୍ରାୟତଃ ଲିଭର ସମସ୍ୟା ଏହି ଦୂଷିତ ଖାଦ୍ୟ ଓ ପାନୀୟ ପାଇଁ ଦେଖାଦେଇଥାଏ। ତେଣୁ ବର୍ଷା ଋତୁରେ ନଖ ଉଷୁମ ପାଣି ପିଇବା ସବୁଠାରୁ ଭଲ। କୌଣସି ପ୍ରକାର ପେଟ ସମସ୍ୟା ଦେଖାଦେଲ ମନଇଛା ଯନ୍ତ୍ରଣା ଉପଷମକାରୀ ଟାବଲଟେ ଗ୍ରହଣ କରନ୍ତୁ ନାହିଁ। ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆପଣଙ୍କ ସାଧାରଣ ପେଟ ସମସ୍ୟା, ବାନ୍ତି ସମସ୍ୟା ଏବଂ ଅସ୍ୱାଭାବିକ ଦେହ ହାତ ଘୋଳାବିନ୍ଧା ସମସ୍ୟା କୌଣସି ସଂକ୍ରଣର ପରିପାର୍ଶ୍ୱିକ କାରଣ ମଧ୍ୟ ହୋଇପାରେ। ତେଣୁ ବର୍ଷା ଋତୁରେ ପ୍ରାୟତଃ ଲେପ୍ଟୋସ୍ପାଇରୋସିସ ସଂକ୍ରମଣ ଠାରୁ ଦୂରେଇ ରହିବାକୁ ହେଲେ ଉପରୋକ୍ତ ପରାମର୍ଶ ଅତ୍ୟନ୍ତ ସ୍ୱାସ୍ଥ୍ୟକର, ଏହାକୁ ବିଚାର କରି ଏହି ଋତୁଟି ଯେପରି ଆନନ୍ଦମୟ ହେବ ଗୁରୁତ୍ୱ ଦିଅନ୍ତୁ।

**ପ୍ରତିରତ୍ନିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

## ରାସ୍ତା ପାଲଟିଛି ମରଣଯନ୍ତା



କପ୍ତିପଦା, (ମହାଭାରତ) : କପ୍ତିପଦା ବ୍ଲକ ଲବଣ୍ୟଦେଇପୁର ପଞ୍ଚାୟତର କଟୁରିଆ ଛକ ଠାରୁ ହୁଡ଼ିସାହି ଗ୍ରାମକୁ ଯାଇଥିବା ରାସ୍ତା ପାଲଟିଛି ମରଣଯନ୍ତା। ୩ କି. ମି ବିଶିଷ୍ଟ ଉକ୍ତ ରାସ୍ତା ହୁଡ଼ିସାହି, ଧନଛତ୍ରୀ, ମହାରସାହି ଆଦି ଗ୍ରାମର ଗ୍ରାମବାସୀ ତଥା ଏ ଅଞ୍ଚଳରେ ଥିବା ୨ଟି ବିଦ୍ୟାଳୟ ପାଇଁ ସାଜିଛି ଦୁଃସ୍ୱପ୍ନ। ଏହା କଟୁରିଆ ଛକ ଠାରୁ ହୁଡ଼ିସାହି କନ୍ୟାଶ୍ରମକୁ ଏକମାତ୍ର ରାସ୍ତା ଯେଉଁଠି ୨୪୦ ରୁ ଉର୍ଦ୍ଧ୍ୱ ଅନ୍ତେବାସିନୀ ପଢୁଛନ୍ତି। ଏହି ରାସ୍ତା ଖରାପ ଥିବା କାରଣରୁ ଗ୍ରାମବାସୀ ମଧ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲକରି ନିର୍ମାଣ କରାଯିବ ସହିତ ଏହାର ଉନ୍ନତୀକରଣ କରାଯିବ ନିମନ୍ତେ ଗ୍ରାମର ମାହାନ୍ତି ଦେଓଗ୍ରାମ, ଘନବାବୁ ପାତ୍ର, ଦାନିଏଲ ଖୁଣ୍ଟିଆ, ଜଗଦୀଶ ମୁର୍ମୁ ପ୍ରମୁଖ ଦାବି କରିଛନ୍ତି।

## ରାଇଘରରୁ ହାଇଦ୍ରାବାଦ ଓ ବିଶାଖାପାଟଣା ସରକାରୀ ବସ୍ ସେବା ବନ୍ଦ

ରାଇଘର, (ମହାଭାରତ) : ରାଇଘରରୁ ହାଇଦ୍ରାବାଦ ଓ ରାଇଘରରୁ ବିଶାଖାପାଟଣାକୁ ଚଳାଚଳ କରୁଥିବା ସରକାରୀ ବସ୍ ସେବା କିଛି ଦିନ ପୂର୍ବରୁ ଆରମ୍ଭ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବେଶ୍ ଖୁସିର ପରିବେଶ ସୃଷ୍ଟି ହୋଇଥିଲା। ଦୂରଦୂରାନ୍ତକୁ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏହି ବସ୍ ସେବା ଏକ ବଡ଼ ସୁବିଧା ସାବ୍ୟସ୍ତ ହେଉଥିଲା। କିନ୍ତୁ ଗତ କିଛି ଦିନ ଧରି ଏହି ଦୁଇଟି ବସ୍ ଆଉ ଚଳାଚଳ କରୁନଥିବାରୁ ଯାତ୍ରୀଙ୍କ ମଧ୍ୟରେ ଚିନ୍ତା ଦେଖାଦେଇଛି। ବସ୍ ସେବା ସ୍ଥାୟୀ ଭାବେ ବନ୍ଦ କରାଯାଇଛି ନା କି ଅସ୍ଥାୟୀ ଭାବେ ବନ୍ଦ ରହିଛି ସେନେଇ ପରିବହନ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟୀକରଣ ମିଳିନାହିଁ ଫଳରେ ସାଧାରଣ ଲୋକ ଦ୍ୱନ୍ଦ୍ୱରେ ରହିଛନ୍ତି।ଏହି ବସ୍ ସେବା ମାଧ୍ୟମରେ ବାଣିଜ୍ୟ ଚିକିତ୍ସା ଉଚ୍ଚଶିକ୍ଷା ଚାକିରି ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟରେ ହାଇଦ୍ରାବାଦ ଓ ବିଶାଖାପାଟଣା ଯାତାୟାତ କରୁଥିବା ଉପାନ୍ତ ଅଞ୍ଚଳର ଅନେକ ଲୋକ ଉପକୃତ ହେଉଥିଲେ। ବର୍ତ୍ତମାନ ବସ୍ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ବିକଳ୍ପ ପରିବହନ ବ୍ୟବସ୍ଥା ଉପରେ ନିର୍ଭରଶୀଳ ହୋଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏହି ପରିସ୍ଥିତିରେ ରାଇଘର ଅଞ୍ଚଳବାସୀ ସମ୍ପୃକ୍ତ ପରିବହନ ବିଭାଗଙ୍କୁ ବସ୍ ସେବାର ପ୍ରକୃତ ସ୍ଥିତି ସମ୍ପର୍କରେ ତୁରନ୍ତ ସ୍ପଷ୍ଟୀକରଣ ଦେବା ସହ ଯଥାଶୀଘ୍ର ଏହି ଦୁଇଟି ବସ୍ ସେବା ପୁନଃ ଚାଲୁ କରିବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି।

## ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ

କପ୍ତିପଦା, (ମହାଭାରତ) : ଦେବଳା ଗ୍ରାମ ପଂଚାୟତ ଅନ୍ତର୍ଗତ ବଡ଼ଝ ।ଡ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାଲ୍ୟ ବିବହ କୁ ନାଁ ଶିର୍ଷକ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବାଲ୍ୟ ବିବାହ ଆମ ସମାଜପାଇଁ ଏକ ମନ୍ଦ କାର୍ଯ୍ୟକଳାପ । ବାଲ୍ୟ ବିବାହ ହେବା ଫଳରେ ସମାଜ ସହ ପରିବାରରେ ଅନେକ କ୍ଷତି ହୋଇଥାଏ । ସୁସ୍ଥ ମାଆଙ୍କର ସୁସ୍ଥ ସମାଜ ଗଠନ ପାଇଁ ଆବଶ୍ୟକତା ରହିଛି । ତେଣୁ ସମସ୍ତେ ଏଥିପାଇଁ ସଚେତନ ହେବା ଆବଶ୍ୟକ ବୋଲି କାର୍ଯକ୍ରମ ସଂଯୋଜକ ଶିକ୍ଷକ ସନ୍ତୋଷ କୁମାର ସାହୁ ପ୍ରକାଶ କରିଛନ୍ତି। କୈଶର ବୟସରେ ପ୍ରତ୍ୟେକ ପିଲା ଏ ବିଷୟରେ ସଚେତନ ହେବା ଜରୁରୀ ଅଟେ। ଏ ସମ୍ପର୍କିତ ଏକ ସଚେତନତା ପଦଯାତ୍ରା ଅଭିଭାବକ ଏବଂ ପିଲାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ପିଲା ବାଲ୍ୟବିବାହର କୁପରିଣାମ ସମ୍ପର୍କରେ ସଚେତନ ହେଲେ ତଥା ଏକଥା ପିଲା ମାନଙ୍କ ମନରେ ରହିଲେ ବାଲ୍ୟ ବିବାହକୁ ରୋକାଯାଇ ପାରିବ । ମାନସିକ ଶାରୀରିକ ପରିପକ୍ୱତା ପାଇଁ ପୁଅକୁ ଏକୋଇଶି ଝିଅକୁ ଅଠର ବର୍ଷ ପରେ ବାହାଘର କରିବା ଆବଶ୍ୟକ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବାନନ୍ଦ ନାୟକ ସମସ୍ତଙ୍କୁ କହିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସର୍ବେଶ୍ୱର ସିଂ ଙ୍କ ସମେତ ବହୁ ଅଭିଭାବକ ଯୋଗ ଦେଇଥିଲେ । ଅନୁଷ୍ଠିତ ସଭା କାର୍ଯ୍ୟରେ ଅନ୍ୟତମ ବକ୍ତା ଭାବରେ ପ୍ରଧାନ ଶିକ୍ଷକ ରମେଶ ମାର୍ଣ୍ଡି ଏ ବିଷୟରେ ଆଲୋକପାତ କରିଥିଲେ । କାର୍ଯକ୍ରମ ପରିଚାଳନାରେ ବହୁ ପିତାମାତା ସହଯୋଗ କରିଥିଲେ । ଶେଷରେ ସମସ୍ତେ ବାଲ୍ୟ ବିବାହ କୁ ବନ୍ଦ କରିବାକୁ ଶପଥ ଗ୍ରହଣ କରିଥିଲେ।

## ନିଶାମୁକ୍ତ ପ୍ରତିଜ୍ଞା ମହା ଅଭିଯାନ : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ ଶପଥପାଠ



ପାରାଦୀପ, (ମହାଭାରତ) : ୧୦ କୋଟି ନିଶାମୁକ୍ତ ପ୍ରତିଜ୍ଞା ମହା ଅଭିଯାନ ୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବାକେନ୍ଦ୍ର ପାରାଦୀପ ଶାଖା ପକ୍ଷରୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଗୁରୁବାର ସକାଳ ୮ ଟା ସମୟରେ ନିଶାମୁକ୍ତ ସପଥପାଠ କରାଯାଇଥିଲା। ସେହିପରି ଅପରାହ୍ନ ୧ ଘଟିକା ସମୟରେ ପାରାଦୀପ ପୋର୍ଟ ଡିଏଭି ପବ୍ଲିକ ସ୍କୁଲ ର ୬୦୦ ଛାତ୍ରଛାତ୍ରୀ ଓ ଅଧକ୍ଷା ଙ୍କୁ ସେବାକେନ୍ଦ୍ର ର ସଞ୍ଚାଳିକା ଭଉଣୀ ସୁମନ ଦିଦି,କ୍ୟାପ୍ଟେନ ଅମିତ ଆରତୀ ନିଶାମୁକ୍ତ ପ୍ରତିଜ୍ଞା କରାଇଥିଲେ । ଏଥିରେ ସେବା କେନ୍ଦ୍ରର ସସ୍ମିତା ଭଉଣୀ ଉଲ୍ଲାସ ଭାଇ ସହଯୋଗ କରିଥିଲେ। ସୂଚନାଥାଉକି,ଡ୍ରଗ୍ସ ଓ ଅନ୍ୟାନ୍ୟ ନିଶା କାରବାର ଓ ବ୍ୟବହାର ବହୁଳ ମାତ୍ରାରେ ବୃଦ୍ଧି ପାଇଥିବା ଏବଂ ଏଥିରେ ଛାତ୍ରଛାତ୍ରୀ ମାନେ ଅଧିକ ଭାବରେ ପ୍ରଭାବିତ ହେଉଥିବା ଦେଖିବାକୁ ମିଳିଛି । ଏହାକୁ ଦୃଷ୍ଟିରେ ରଖି ନିଶା ନିବାରଣ ପାଇଁ ଆଇନଜୀବୀ ଗତିକୃଷ୍ଣ ଶତପଥୀ ଙ୍କ ନେତୃତ୍ୱରେ ଓ୍ୱାଦା ସଂଗଠନ ଜଗତସିଂହପୁର ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ସଚେତନତା ଅଭିଯାନ ଜାରି ରଖିଥିବା ବେଳେ ବ୍ରହ୍ମାକୁମାରୀ ଅନୁଷ୍ଠାନ ଦ୍ୱାରା ଏହି ପ୍ରତିଜ୍ଞା କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଆଶା କରାଯାଏ ।

# ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ




ଗଣିଆ, (ମହାଭାରତ): ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶନିବାର ଅପରାହ୍ନରେ ରୋଗୀ କଲ୍ୟାଣ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଅଧିକାରୀ ମଧୁସୂଦନ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମୀକ୍ଷା ସଭାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଡିକାଲର ବିଭିନ୍ନ ସମସ୍ୟା ଓ ସ୍ୱାସ୍ଥ୍ୟସେବାର ସୁପରିଚାଳନା ନେଇ ଆଲୋଚନା କରିଥିଲେ। ଏହି ବୈଠକରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୧୬ ବର୍ଷ ଧରି ମାତୃ ଓ ଶିଶୁ ବିଭାଗର ଡାକ୍ତର ନଥିବାରୁ ସଭାରେ ଗଭୀର କ୍ଷୋଭ ପ୍ରକାଶ ପାଇଥିଲା। ଖୁବଶୀଘ୍ର ଏହି ଦୁଇ ବିଭାଗରେ ଡାକ୍ତର ନିଯୁକ୍ତି ଦେବା ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାସହ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନ ହେବ ମନ୍ଥର ଗତିରେ ଚାଲିଥିବାରୁ ସମ୍ପୃକ୍ତ ଠିକାଦାରଙ୍କୁ ଦାୟୀ କରାଯାଇଥିଲା। କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପୂର୍ତ୍ତ ବିଭାଗର ଏସଡ଼ିଓଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ, ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ଗୁଣାତ୍ମକ ଚିକିତ୍ସା ଯୋଗାଇଦେବା, ପରିସରର ସ୍ୱଚ୍ଛତା, ପାନୀୟ ଜଳ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ରୋଗୀଙ୍କ ବସିବା ସ୍ଥାନର ଉନ୍ନତୀକରଣ, 'ନିରାମୟ' ଯୋଜନାରେ ମାଗଣା ଔଷଧ ଓ ନିଦାନ ପରୀକ୍ଷା ସୁବିଧାର ସମୀକ୍ଷା କରାଯାଇଥିଲା। ରୋଗୀ କଲ୍ୟାଣ ସମିତିର ଅନୁଦାନ ଅର୍ଥର ସଠିକ୍ ବିନିଯୋଗ ପାଇଁ ବଜେଟ୍ ଅନୁମୋଦନ କରାଯିବା ସହ ୧୦୮ ଓ ୧୦୨ ଆମ୍ବୁଲାନ୍ସ ସେବା ଯେପରି ବିନା ବିଳମ୍ବରେ ଜନସାଧାରଣଙ୍କୁ ମିଳିପାରିବ, ସେଥିପାଇଁ କଡ଼ା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ସମ୍ମାନିତ ଅତିଥି ଭାବେ ବିଡ଼ିଓ ଲବଲଣନ୍ଦୁ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ବିପିଏମ ଜ୍ଞାନଦର୍ଶନ ମିଶ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦିନୀ ପଣ୍ଡା, ଗଣିଆ ସରପଞ୍ଚ ଗିରିଧାରୀ ସେଠି, ସମିତି ସଭ୍ୟ ଫକୀର ମୋହନ ଡାକୁଆ, ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ବେହେରା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରାଧେଶ୍ୟମ କାଲୋ, କନିଷ୍ଠ ଯନ୍ତ୍ରୀ ନିର୍ଝରିଣୀ ସାମଲ, ବିଏଚଓ କମଳା ମହାରଣା, ମହିଳା ଓ ଶିଶୁ ବିଭାଗ ସୁପରଭାଇଜର କଳ୍ପନା ମିଶ୍ର ଏବଂ ସଭ୍ୟ ଆନନ୍ଦ ଚନ୍ଦ୍ର ବେହେରାଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ରିଲିଫ୍ ବଣ୍ଟନରେ ଅନିୟମିତତା ଅଭିଯୋଗ: ତହସିଲଦାରଙ୍କୁ ଘେରିଲା ଧାମନଗର ବିଜେଡି

ଧାମନଗର, (ମହାଭାରତ) : ଚଳିତ ବନ୍ୟାରେ ଧାମନଗର ବ୍ଲକର ବହୁ ଅଞ୍ଚଳ ଜଳମଗ୍ନ ହୋଇ ଲୋକେ ଦୁର୍ଦ୍ଦଶାରେ ଥିବା ବେଳେ ବନ୍ୟା ବିପନ୍ନଙ୍କ ପାଇଁ ଆସୁଥିବା ରିଲିଫ୍ ? ଓ ପାଲ ବଣ୍ଟନରେ ଅନିୟମିତତା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଭିଯୋଗକୁ ନେଇ ଧାମନଗର ବିଜେଡି ପକ୍ଷରୁ ତହସିଲଦାରଙ୍କୁ ଘେରାଉ କରାଯାଇ ତୀବ୍ର ପ୍ରତିବାଦ କରାଯାଇଛି। ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶାକୁ ନେଇ ପ୍ରଶାସନର ଦାୟିତ୍ୱହୀନତାକୁ ପ୍ରଶ୍ନ କରି ଧାମନଗରର ୨୦ ଜଣ ସରପଞ୍ଚ, ୨୦ ଜଣ ସମିତି ସଭ୍ୟ ଏବଂ ୪ ଜଣ ଜିଲ୍ଲା ପରିଷଦ ସଭ୍ୟ ଏକାଠି ହୋଇ ତହସିଲଦାରଙ୍କ ନିକଟରେ ଅସନ୍ତୋଷ ଜଣାଇଥିଲେ। ପ୍ରତିବାଦକାରୀମାନଙ୍କ ଅଭିଯୋଗ ହେଉଛି, ବନ୍ୟାରେ ଘରଦ୍ୱାର ଛାଡ଼ି ଆଶ୍ରୟସ୍ଥଳୀ ଓ ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଥିବା ଲୋକଙ୍କୁ ତୁରନ୍ତ ରିଲିଫ୍ ଯୋଗାଇବା ସରକାର ଓ ପ୍ରଶାସନର ପ୍ରଥମ ଦାୟିତ୍ୱ। କିନ୍ତୁ ରିଲିଫ୍ ଓ ପାଲ ବଣ୍ଟନରେ ଯଦି ଅନିୟମିତତା ହୁଏ, ତେବେ ଏହା କେବଳ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ବିପନ୍ନ ଲୋକଙ୍କ ଅଧିକାର ସହ ଖେଳ ବୋଲି ସେମାନେ କହିଛନ୍ତି। "ବନ୍ୟାରେ ସର୍ବସ୍ୱ ହରାଇଥିବା ଲୋକଙ୍କ ପାଇଁ ଆସିଥିବା ରିଲିଫ୍ ?ରେ କୌଣସି ପ୍ରକାର ଅନିୟମିତତା ବରଦାସ୍ତ କରାଯିବ ନାହିଁ" ବୋଲି ପ୍ରତିବାଦକାରୀମାନେ କଡ଼ା ଚେତାବନୀ ଦେଇଛନ୍ତି। କେଉଁ ପଞ୍ଚାୟତକୁ କେତେ ପାଲ ଆସିଲା, କେତେ ବଣ୍ଟନ ହେଲା, କେତେ ଷ୍ଟକ୍ ରହିଲା ଏବଂ କେଉଁମାନଙ୍କୁ ରିଲିଫ୍ ଦିଆଗଲା—ଏହାର ସମ୍ପୂର୍ଣ୍ଣ ହିସାବ ସାର୍ବଜନୀନ କରିବାକୁ ଦାବି ଉଠିଛି। ରିଲିଫ୍ ବଣ୍ଟନରେ ସ୍ୱଚ୍ଛତା ନ ରହିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ବନ୍ୟା ପରି ଦୁର୍ବିପାକ ସମୟରେ ରିଲିଫ୍ ସାମଗ୍ରୀ ଲୋକଙ୍କ ଜୀବନରକ୍ଷାର ଆଶା। ସେହି ସହାୟତା ଯଦି ଯୋଗ୍ୟ ବିପନ୍ନଙ୍କ ପାଖରେ ପହଞ୍ଚୁନାହିଁ, ତେବେ ପ୍ରଶାସନ ଉତ୍ତରଦାୟୀ ରହିବ କିଏ?—ଏଭଳି ପ୍ରଶ୍ନ ଉଠାଇଛନ୍ତି ଜନପ୍ରତିନିଧିମାନେ। ଏହି ଘଟଣା ପରେ ଧାମନଗରରେ ରିଲିଫ୍ ବଣ୍ଟନ ବ୍ୟବସ୍ଥାକୁ ନେଇ ପ୍ରଶାସନ ଉପରେ ଚାପ ବଢ଼ିଥିବା ବେଳେ, ବନ୍ୟା ବିପନ୍ନଙ୍କ ହକ୍‌ର ଗୋଟିଏ ମୁଠା ରିଲିଫ୍ ମଧ୍ୟ ହେରଫେର ହେଲେ ତାହାର ହିସାବ ଦେବାକୁ ପଡ଼ିବ ବୋଲି ଜନପ୍ରତିନିଧିମାନେ ସ୍ପଷ୍ଟ କରିଛନ୍ତି।

## ପିଓପି ମୂର୍ତ୍ତି ଅଧିକ ବିକ୍ରି ଯୋଗୁଁ ମାଟି ମୂର୍ତ୍ତି କାରିଗର ପ୍ରଭାବିତ

ଉମରକୋଟ, (ମହାଭାରତ) : ଗଣେଶ ପୂଜାକୁ ଆଗରେ ରଖି ଉମରକୋଟ ଅଞ୍ଚଳର ମାଟି ମୂର୍ତ୍ତି କାରିଗରମାନେ ଶୁକ୍ରବାର ଉମରକୋଟ ଏସଡିପିଓ କାର୍ଯ୍ୟାଳୟରେ ପହଞ୍ଚି ଏସଡିପିଓ ଶୁଭେନ୍ଦୁ ଶବରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାହାର ରାଜ୍ୟର କିଛି କାରିଗର ବର୍ଷ ବର୍ଷ ଧରି ଉମରକୋଟ ସହର ଓ ଆଖପାଖ ଅଞ୍ଚଳରେ ରହି ପ୍ଲାଷ୍ଟର ଅଫ୍ ପ୍ୟାରିସ (ପିଓପି) ମୂର୍ତ୍ତି ପ୍ରସ୍ତୁତ କରି ବିକ୍ରି କରୁଥିବାରୁ ସ୍ଥାନୀୟ ମାଟି ମୂର୍ତ୍ତି କାରିଗରମାନଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହେଉଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କାରିଗରମାନଙ୍କ ଅଭିଯୋଗ ଅନୁଯାୟୀ, ସ୍ଥାନୀୟ କାରିଗରମାନେ ପାରମ୍ପରିକ ପଦ୍ଧତିରେ ମାଟିରେ ହାତରେ ମୂର୍ତ୍ତି ନିର୍ମାଣ କରୁଥିବାବେଳେ ବାହାର ରାଜ୍ୟର କାରିଗରମାନେ ଛାଞ୍ଚ ବ୍ୟବହାର କରି ପିଓପି ମୂର୍ତ୍ତି ଅଳ୍ପ ସମୟ ଓ କମ୍ ଖର୍ଚ୍ଚରେ ପ୍ରସ୍ତୁତ କରୁଛନ୍ତି। ଫଳରେ ସେଗୁଡ଼ିକ କମ୍ ଦାମରେ ବିକ୍ରି ହେଉଥିବାରୁ ସ୍ଥାନୀୟ କାରିଗରମାନେ ଆର୍ଥିକ କ୍ଷତି ସହୁଛନ୍ତି ଓ ସେମାନଙ୍କ ଜୀବିକା ବିପଦରେ ପଡ଼ିଛି। ଗଣେଶ ପୂଜା ସମୟ ନିକଟତର ହେଉଥିବାରୁ ବାହାର ରାଜ୍ୟର କାରିଗରମାନେ ବହୁ ସଂଖ୍ୟାରେ ଆସି ବିଭିନ୍ନ ସ୍ଥାନରେ ମୂର୍ତ୍ତି ତିଆରି କରୁଥିବା ଅଭିଯୋଗ କରି ସେମାନଙ୍କୁ ଚିହ୍ନଟ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ପିଓପି ମୂର୍ତ୍ତି ବିକ୍ରି ଉପରେ ରୋକ୍ ଲଗାଇବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘର ସଭାପତି ଶେଖର ବିଶ୍ୱାସ କହିଛନ୍ତି ଯେ ପ୍ଲାଷ୍ଟର ଅଫ୍ ପ୍ୟାରିସ ଓ ରାସାୟନିକ ପଦାର୍ଥରେ ପ୍ରସ୍ତୁତ ମୂର୍ତ୍ତି ବିସର୍ଜନ ପରେ ସହଜରେ ପାଣି ଓ ମାଟିରେ ମିଶି ନଥାଏ। ଏହା ଦ୍ୱାରା ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବା ସହ ଜଳଜୀବନ ଓ ଜନସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପଡୁଥିବା ଏବଂ ଚର୍ମରୋଗ ପରି ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ବହୁ କର୍ମକର୍ତ୍ତାଙ୍କ ସହ ପ୍ରାୟ ୬୦ ଜଣ ମାଟି ମୂର୍ତ୍ତି କାରିଗର ଉପସ୍ଥିତ ଥିଲେ।

# ପାରାଦୀପରେ ଏସଆଇଆର ସମନ୍ୱୟ ବୈଠକ ସାମିଲ ହେଲେ ସ୍ୱୀକୃତିପ୍ରାପ୍ତ ଦଳର ନେତୃବୃନ୍ଦ



ପାରାଦୀପ,(ମହାଭାରତ) : ଓଡ଼ିଶାର ୧୦୧-ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ, ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ) ଏବଂ ସ୍ଥାନୀୟ ନିର୍ବାଚନ ପ୍ରଶାସନ ସକ୍ରିୟ ଭାବରେ କ୍ଷେତ୍ରସ୍ତରୀୟ ହିତାଧିକାରୀ ଅଧିବେଶନଗୁଡ଼ିକୁ ସମନ୍ୱିତ କରିଛନ୍ତି କ୍ଷ ଯେଉଁଥିରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ସମନ୍ୱୟ ବୈଠକ ଅନ୍ତର୍ଭୁକ୍ତ। ଏହି ଅଧିବେଶନରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଅନ୍ତର୍ଭୁକ୍ତ। ଏହି ପରିପ୍ରେକ୍ଷୀରେ, ଆଜି ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ଏଡିଏମ କମ ଇଆରଓ ୧୦୧ ପାରାଦୀପଙ୍କ ଅଧକ୍ଷତାରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ସହକାରୀ ନିର୍ବାଚନ ଅଧିକାରୀ (ଏଇଆରଓ)ଙ୍କ ଉପସ୍ଥିତିରେ ଇଆରଓଙ୍କ ଦ୍ୱାରା ସମସ୍ତ ଦାବି ଏବଂ ଆପତ୍ତିର ଏକ ତାଲିକା ଦଳୀୟ ସଦସ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା। ଜଣେ ବୁଥ ସ୍ତରୀୟ ଏଜେଣ୍ଟ ଗୋଟିଏ ଦିନରେ ସେମାନଙ୍କ ସମ୍ପୃକ୍ତ ବିଏଲଓଙ୍କୁ କେତେ ଫର୍ମ ଦେଇପାରିବେ ସେ ବିଷୟରେ ଦଳୀୟ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା। ଏହା ବ୍ୟତୀତ, ସିଇଓ ଓଡ଼ିଶାଙ୍କଠାରୁ ପ୍ରାପ୍ତ ମାର୍ଗଦର୍ଶିକା ସହିତ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନର ବର୍ଦ୍ଧିତ ତାରିଖ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଜେପି, ବିଜେଡି, କଂଗ୍ରେସ ଦଳ ସମେତ ଏହି ବୈଠକରେ ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏଇଆରଓ ଅଭିଷେକ ପଣ୍ଡା, କୁଜଙ୍ଗ ବିଡିଓ ଏବଂ ଉପ ଜିଲ୍ଲାପାଳ ଏବଂ ଅତିରିକ୍ତ ତହସିଲଦାର, କୁଜଙ୍ଗ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ବନ୍ୟା ବିପନ୍ନ ଙ୍କୁ ରିଲିଫ ବଣ୍ଟନ

ପାରାଦୀପ, (ମହାଭାରତ) : ପାରାଦୀପର ଅଗ୍ରଣୀ ମହିଳା ସଂଗଠନ 'କଳିଙ୍ଗ ମହିଳା ଶକ୍ତି' ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ତିଖିରି ପଞ୍ଚାୟତ ର ବନ୍ୟା ବିପନ୍ନ ଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି । ସଂଗଠନର ସଭାନେତ୍ରୀ ମନୋରମା ଖଟୁଆ ଙ୍କ ନେତୃତ୍ୱରେ ପଞ୍ଚାୟତ ର ପ୍ରାଇମେରୀ ସ୍କୁଲ ରେ ଶତାଧିକ ପୁରୁଷ, ମହିଳା ଓ ଛୋଟ ପିଲାଙ୍କୁ ଏହି ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏଥିରେ ଚର୍ଚ୍ଚିତ ସରପଞ୍ଚ ଚେମେଲୀ ଓଝା ସାମିଲ ହୋଇ ତାଙ୍କ ପଞ୍ଚାୟତ ର ବନ୍ୟା ବିପନ୍ନ ଙ୍କୁ ଚୁଡା, ଚିନି, ବିସ୍କୁଟ, ମଶାଧୁପ ଇତ୍ୟାଦି ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ଶକ୍ତି ସଂଗଠନର ବିଜୟଲକ୍ଷ୍ମୀ ଦାସ, ଉର୍ମିଳା ସାହୁ, କଲ୍ୟାଣୀ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପାଲ, ରବିନ୍ଦ୍ର ମଲ୍ଲ, ସଞ୍ଜୟ ମହାପାତ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।



## ହଷ୍ଟେଲରେ ଝାଡାବାନ୍ତି

କପ୍ତିପଦା, (ମହାଭାରତ) : ବିଦ୍ୟାଳୟ ହଷ୍ଟେଲ ରେ ବ୍ୟାପିଲା ଡ଼ାଇରିଆ। କପ୍ତିପଦା ବ୍ଲକ ବଡ଼ ସିମୁଳିଆ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ରୁ ସାମ୍ନାକୁ ଆସିଛି ଏଭଳି ଘଟଣା। ଗତକାଲି ରାତିରେ ୨୭୫ ଶଯ୍ୟା ବିଶିଷ୍ଟ ଏସଏସଡି ହଷ୍ଟେଲରେ ଛାତ୍ରୀ ମାନଙ୍କୁ ମାଛ ଓ ଭାତ ଖାଇବାକୁ ଦିଆଯାଇଥିଲା। ହେଲେ ଅଚାନକ ରାତିରୁ ପିଲାଙ୍କ ପେଟ ବଥା ହେବା ଆରମ୍ଭ ହେଲା। ଆଉ ଆଜି ଅନ୍ତେବାସିନୀ ମାନଙ୍କୁ ବାନ୍ତି ହେବା ସହିତ ଝାଡା ହୋଇଥିଲା। ଯାହା ଦ୍ୱାରା ଛାତ୍ରୀ ମାନେ ଗୁରୁତର ହୋଇପଡ଼ିଥିଲେ। ଗୁରୁତର ଛାତ୍ରୀ ମାନଙ୍କୁ ଚିକିତ୍ସା ନିମନ୍ତେ କପ୍ତିପଦା ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଏବେ ୧୯ ରୁ ଅଧିକ ଅନ୍ତେବାସିନୀ ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ଏବେ ବିଦ୍ୟାଳୟରେ କପ୍ତିପଦାରୁ ଏକ ମେଡିକାଲ ଟିମ ଯାଇଛନ୍ତି। ଯାହାକି ବିଦ୍ୟାଳୟରେ ପହଂଚିଥିବା ମେଡିକାଲ ଟିମ ଏବେ ସମସ୍ତ ଅନ୍ତେବାସିନୀ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରୁଛନ୍ତି।

# ଓଡିଶା ଜନତା କଂଗ୍ରେସ ସେବା ସଙ୍ଗଠନର ପ୍ରଶିକ୍ଷଣ ଶିବିର ଉଦଘାଟିତ



ବାଲିଚନ୍ଦ୍ରପୁର, (ମହାଭାରତ) : ଲୋକଙ୍କ ସେବା ଆମର ପ୍ରାଥମିକତା। ସେବା ଦ୍ୱାରା ଲୋକଙ୍କ ନିକଟତର ହୋଇ ପାରିବା। ଏହାଦ୍ୱାରା ଉତ୍ତମ ସଂଗଠକ ସୃଷ୍ଟି ହୋଇ ପାରିବେ। ପ୍ରତ୍ୟେକ ଜିଲା ରେ କାର୍ଯ୍ୟକ୍ରମ କୁ ତ୍ୱରାନ୍ୱିତ କରାଯିବ। ସେଥିପାଇଁ ପ୍ରତି ଜିଲା ରେ ୧ ହଜାର ରୁ ଉର୍ଦ୍ଧ୍ୱ ଭଲ ସଂଗଠକ ସୃଷ୍ଟି କରିବା ଆମର ଲକ୍ଷ୍ୟ ବୋଲି ଶୁକ୍ରବାର ଯାଜପୁର ଜିଲା ର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଓଳାଶୁଣୀ ଠାରେ ଓଡିଶା ଜନତା କଂଗ୍ରେସ (ଓଜେସି) ର ତିନି ଦିନିଆ ସେବା ସଙ୍ଗଠନ ତାଲିମ ଶିବିର କୁ ଉଦଘାଟନ କରି କହିଛନ୍ତି ଦଳର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ । ସେବା ସଙ୍ଗଠନ ର ଅଧକ୍ଷ ମନୋଜ କୁମାର ଜେନା ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ତାଲିମ ଶିବିର ରେ ଅତିଥି ଭାବରେ ବିଶିଷ୍ଟ ଲେଖକ ଓ ସାହିତ୍ୟିକ ପ୍ରଫେସର ଦାସ ବେନହୁର ଯୋଗଦେଇ ନିଜକୁ କଷ୍ଟ ଦେଇ ଅନ୍ୟକୁ ଝୁକାଇବା ହେଉଛି ସତ୍ୟାଗ୍ରହ, ଆପଣ ମାନେ ସମସ୍ତେ ଆଧମିକ୍ର ବାଦୀ ହୁଅନ୍ତୁ, ସେହି ମନ୍ତ୍ର ରେ ଏକ୍ସ ହୋଇ ଅନେକ୍ସୀ ଙ୍କ ସହ ମିଶାନ୍ତୁ ଆଗକୁ ବଢନ୍ତୁ ବୋଲି କହିଥିଲେ, ବରିଷ୍ଠ ସାମ୍ବାଦିକ, ରବିଦାସ, ଓ ଜେ ସି ର ରାଜ୍ୟ ସଙ୍ଗଠନ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ, ଓଡିଶା ଭାସ୍କର ଖବର କାଗଜ ର ପ୍ରତିଷ୍ଠାତା ସମ୍ପାଦକ ମଧୁ ମହାନ୍ତି ପ୍ରମୁଖ ଯୋଗଦେଇ ଓଡିଶା ର ରାଜନୈତିକ ବିକାଶ ସେବେ ଓ ଏବେ ଏବଂ ଓଡିଶା ର ସାଂପ୍ରତିକ ସାମାଜିକ ଓ ରାଜନୈତିକ ପରିସ୍ଥିତି ରେ ଓ ଜେ ସି ର ଇସ୍ତାହାର ସମ୍ପର୍କ ରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଉପ ସଭାପତି ବଦ୍ରି ମହାନ୍ତି, ନିକୁଞ୍ଜ ପଶାୟତ, ପ୍ରଦୀପ ପ୍ରଧାନ, ମଧୁ ମହାନ୍ତି, ଗିରିବାଳା ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ ରାୟ, ସୋମନାଥ ରାଉତ ରାୟ, ସୁଜିତ ସ୍ୱାଇଁ, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଶୈଳବାଳା ଜେନା, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଆର୍ଯ୍ୟବିର ଲେଙ୍କା, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ସଂଗ୍ରାମ ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ ନରେଶ ମହାନ୍ତି, ଯାଜପୁର ଜିଲା ସଭାପତି ବିଦ୍ୟାଧର ମହାନ୍ତି, କଟକ ଜିଲା ସଭାପତି ଅନିଲ ବେହେରା, ରାଜ୍ୟ ସମ୍ପାଦକ ଦିଲୀପ କୁମାର ରାଉତ, ପ୍ରତିଷ୍ଠାତା ସଭ୍ୟ ସୁରେଶ ସାହାଣୀ ଓ ପ୍ରଦୀପ କୁମାର ଧଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବଲାଙ୍ଗୀର ଜିଲା ସଭାପତି ରୁପେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭ ରେ ଦଳୀୟ ପତାକା ଉତ୍ତୋଳନ ସହ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ସୁବାଷ ବୋଷ ଙ୍କ ଫଟୋ ଚିତ୍ର ରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ ପରେ ତାଲିମ ଶିବିର ଆରମ୍ଭ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିର ତିନି ଦିନ ଧରି ଚାଲିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ହୃଦ୍‌ଘାତରେ ମେଣ୍ଟପୁର ସରପଞ୍ଚ ମେମୁନା ଖାତୁନଙ୍କ ପରଲୋକ

**ଆଳି, (ମହାଭାରତ)**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତର ସରପଞ୍ଚ ମେମୁନା ଖାତୁନଙ୍କର ଗୁରୁବାର ସକାଳେ ହୃଦଘାତରେ ପରଲୋକ ଘଟିଥିବା ଜଣାପଡିଛି । ସ୍ୱର୍ଗତା ଖାତୁନଙ୍କର ମୃତ୍ୟୁ ବେଳକୁ ୫୮ ବର୍ଷ ହୋଇଥିଲା । ସ୍ୱର୍ଗତା ଖାତୁନ ହେଉଛନ୍ତି ମେଣ୍ଟପୁର ପଞ୍ଚାୟତର ବରିଷ୍ଠ କଂଗ୍ରେସ ସଙ୍ଗଠକ ସେକ ସୋପାନଙ୍କ ପତ୍ନୀ । ମେମୁନା ଖାତୁନ ମେଣ୍ଟପୁର ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟ କରିବା ସହ ପଞ୍ଚାୟତର ଜଣେ ଦକ୍ଷ ସଙ୍ଗଠକ ଭାବେ ଜଣାଶୁଣା ଥିଲେ । ମେମୁନା ଖାତୁନଙ୍କ ପରଲୋକ ଖବର ପାଇ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଶୋକବ୍ୟକ୍ତ କରିଥିଲେ ।

## ବେଲପଡାରେ ବର୍ଷାଜଳ ଜମି ରାସ୍ତା ପାଲଟିଲା ପୋଖରୀ, ଯାତାୟାତ ବ୍ୟାହତ



**ପାଟଣାଗଡ,(ମହାଭାରତ):**

ବେଲପଡା ସହରର ତାରିଣୀ ମନ୍ଦିର ମଝି ରାସ୍ତାରେ ବର୍ଷା ଜଳ ଜମି ଏକ ବଡ଼ ପୋଖରୀର ରୂପ ନେଇଥିବା ଦେଖିବାକୁ ମିଳିଛି । ଲଗାଣ ବର୍ଷା ପରେ ରାସ୍ତା ଉପରେ ପାଣି ଜମି ରହିଥିବାରୁ ସାଧାରଣ ଲୋକଙ୍କ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହୋଇଛି ।ସ୍କୁଲ, କଲେଜ ଛାତ୍ରଛାତ୍ରୀ, ଦୁଇଚକିଆ ଓ ଚାରିଚକିଆ ଯାନବାହନ ଚଳାଚଳରେ ଅସୁବିଧା ସୃଷ୍ଟି ହେଉଛି । ପାଣି ଭିତରେ ରାସ୍ତା ଦେଖାଯାଉ ନଥିବାରୁ ଦୁର୍ଘଟଣା ଆଶଙ୍କା ମଧ୍ୟ ବଢ଼ିଛି । ସ୍ଥାନୀୟ ଲୋକେ ଦୀର୍ଘ ଦିନ ଧରି ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ ହେଉଛି ।ସ୍ଥାନୀୟ ବାସିନ୍ଦାମାନେ ଶୀଘ୍ର ଡ୍ରେନେଜ୍ ବ୍ୟବସ୍ଥାର ସୁଧାର ଓ ଜଳ ନିଷ୍କାସନ ପାଇଁ ପ୍ରଶାସନଙ୍କ ହସ୍ତକ୍ଷେପ ଦାବି କରିଛନ୍ତି ।

## ଅଚାନକ ବିଦ୍ୟାଳୟ ପରିଦର୍ଶନ କଲେ ବ୍ଲକ ଶିକ୍ଷା ଅଧିକାରୀ

**ନୂଆଗାଁ ,(ମହାଭାରତ):**

ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ରେ ଶିକ୍ଷାର ବିକାଶ କିପରି ଅଧିକ ତ୍ୱରାନ୍ୱିତ ହେବ ସେ ନେଇ ପ୍ରଚେଷ୍ଟା ଜାରି ରଖିଛନ୍ତି ନୂତନ ଭାବେ ଯୋଗ ଦେଇଥିବା ବ୍ଲକ୍ ଶିକ୍ଷା ଅଧିକାରୀ ଡ. ଗିରିଜା ଶଙ୍କର ମହାପାତ୍ର ।ଏନେଇ ବୁଧବାର ଦିନ ରାମେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ,ଖାଲମଡା ଏବଂ ଜାକେଡ଼ା ପଞ୍ଚାୟତ ଶିମିଳିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ ନୂତନ ବ୍ଲକ ଶିକ୍ଷା ଅଧିକାରୀ ।ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ଛାତ୍ରଛାତ୍ରୀ ମାନେ ସୁନ୍ଦର ଭାବେ ହସ୍ତାକ୍ଷର, ପାରାଗ୍ରାଫ୍ ଲେଖିଥିବାର ଦେଖି ଖୁସି ହୋଇଥିଲେ ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀ ମହାପାତ୍ରୟଏଥି ସହିତ ବିଦ୍ୟାଳୟର ପରିବେଶ,ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ,ନିରାପତ୍ତା,ପିଲାଙ୍କ ମଧ୍ୟାହ୍ନ ଭୋଜନ ଆଦି ଉପରେ ବିସ୍ତୃତ ଭାବେ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ସହ ଆଲୋଚନା କରିବା ସହ ସୁ ପରାମର୍ଶ ଦେଇଥିଲେ ।ନୂଆଗାଁ ବ୍ଲକ୍ ଶିକ୍ଷା ଅଧିକାରୀ ଡ. ଗିରିଜା ଶଙ୍କର ମହାପାତ୍ର ଙ୍କ ଏହିପରି ଅଚାନକ ବିଦ୍ୟାଳୟ ପରିଦର୍ଶନ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହେବ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି ।

## ଓଡିଟ୍ରାଇବ ସଂସ୍ଥା ଦ୍ୱାର ନିୟମଗିରିରେ ପାଳିତ ହେଲା ଜାତୀୟ ହସ୍ତତନ୍ତ ଦିବସ




**ବିଷମ କଟକ(ମହାଭାରତ):** ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ନିୟମଗିରି କୁର୍ଲୀ ଗ୍ରାମ ପଞ୍ଚାୟତ ର ଖମ୍ଭେସି ଗ୍ରାମରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି । ଓଡିଟ୍ରାଇବ ଭୁବନେଶ୍ୱର ର ସଂସ୍ଥା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କୁର୍ଲୀ ସରପଞ୍ଚ ସୁବର୍ଦ୍ଧନି ୱାଡକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କୁର୍ଲୀ ଡଙ୍ଗରିଆ ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଶ୍ୱପ୍ରଶିଦ୍ଧ କାପଡାଗୁନ୍ଦା ସରକାର ଙ୍କ ଜିଆଇଟ୍ୟାଗ ମାନ୍ୟତା ପାଇଛି । ଏହାର ର ପ୍ରବଳ ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟକରିବା ସହ ବର୍ତମାନ ବିଭିନ୍ନ ଲୁଗାବୁଣା ସଂସ୍ଥା ମେସିନ ଦ୍ୱାରା ଅବିକଳ କାପଡାଗୁନ୍ଦା ପ୍ରସ୍ତୁତି କରି ନକଲି କାପଡାଗୁନ୍ଦା ବଜାରରେ ବିକି କରୁଥିବାର ନଜିର ମଧ୍ୟ ରହିଛି । ଏହି ନକଲି କାପଡାଗୁନ୍ଦାର ବିକ୍ରି ଉପରେ ରୋକ ଲାଗାଇବାର ସମୟ ଆସିଥିବା ଓଡିଟ୍ରାଇବ ର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମି ଲେଙ୍କା ସୂଚନା ପ୍ରଦାନ କରିଛନ୍ତି । ଡଙ୍ଗରିଆ ମାନଙ୍କ ଦ୍ୱାରା ପ୍ରସ୍ତୁତ ହାତବୁଣା କାପଡା ଗୁନ୍ଦା ବିଶ୍ୱଦରବାର ରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ କାପଡା ଗୁନ୍ଦା ଉପରେ ଲୋଗ ଲଗାଇଲେ ଏହାର ଅସିଲି ପରିଚୟ ସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ଖମ୍ଭେସି ଗ୍ରାମର ବହୁ ମହିଳା ବୁଣାକାର ମାନେ ଯୋଗ ଦେଇଥିଲେ । ମହିଳା ବୁଣା କାର ମାନଙ୍କୁ ନିଜ ନିଜର ଘର ଏବଂ ପୋଡଶି ଝିଅ ଓ ମହିଳା ମାନଙ୍କୁ କାପଡାଗୁନ୍ଦ ବୁଣିବାର ପ୍ରଶିକ୍ଷଣ ଦେବା ନିମନ୍ତେ ଅନୁରୋଧ କରାଯାଇଥିଲା । ସମାଜସେବୀ ସୂର୍ଯ୍ୟନାରାୟଣ ପାଢି ଏବଂ ରମେଶ କୁମାର ନାଲା କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

# ରାଜରାସ୍ତାରେ ଗାଈଗୋରୁଙ୍କ ଦୌରାତ୍ମ୍ୟ: ବଢୁଛି ଦୁର୍ଘଟଣା

**ହିନ୍ଦୋଳ,(ମହାଭାରତ):**

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ରାଜରାସ୍ତା ଦୀର୍ଘଦିନ ଧରି ୨୪ ଘଣ୍ଟିଆ ଗାଈଗୋରୁ, ଷଣ୍ଢ ଙ୍କ କବ୍ଜାରେ ଥିବାବେଳେ ପ୍ରତିମୁହୂର୍ତ୍ତରେ ଜନସାଧାରଣଙ୍କ ଜୀବନ ବାଜିରେ ଲାଗିଛି । ତେବେ ହିନ୍ଦୋଳ ଏନଏସି ମୁଖ୍ୟରାସ୍ତା ସାତମାଇଲ ଦେଇ ଖଜୁରିଆକଟା ରୁ ଗୁଡ଼ିଆକାଟେଣୀ,ରସୋଳ-ତେଲିଭୂଇଁ ମୁଖ୍ୟ ସ୍ଥାନ ମାନଙ୍କରେ ହଜାରହଜାର ସଂଖ୍ୟାରେ ଗାଈଗୋରୁ ରାସ୍ତା ଅବରୋଧ କରି କରୁଛନ୍ତି ରାଜ ।ସେହିପରି ହିନ୍ଦୋଳ ଏନଏସି ଭେଟନାରୀ ଛକ,ବସଷ୍ଟାଣ୍ଡ ଛକ,ଲକ୍ଷ୍ମୀବଜାର,ମେଡିକାଲ ଛକ ରୁ ୮ନଂ ୱାର୍ଡ ପୁରା ବଡଦାଣ୍ଡ ହାଟ ଛକ,ସମ୍ପୂର୍ଣ୍ଣ ନୂତନପାଟଣା, ଧୁଳିଆମୁଣ୍ଡା ଛକରୁ କାନ୍ଦରାଶୁଣି ଆଦର୍ଶସ୍କୁଲ, ରାଜମୋହନପୁର ପର୍ଯ୍ୟନ୍ତ ହଜାରହଜାର



ଗାଈଗୋରୁ,ବୁଲାଷଣ୍ଢ ଦିନରାତି ରାସ୍ତା ଅବରୋଧ କରି ରହୁଥିବାବେଳେ ସେମାନଙ୍କ ମଧ୍ୟରେ ଲଢେଇ ସହ ଦ୍ରୁତଗାମୀ ବସ, ଦୁଇ ଚାରିଚକିଆ ଯାନ ସହିତ ଶତାଧିକ ବାଲି, ଚିପ୍ସ, ପଥର,ବେଆଇନ ତଥା ମାଟି ବୋଝେଇ ଦ୍ରୁତଗାମୀ ଟ୍ରକ, ଟିପ୍ପର, ହାଇବା ଇତ୍ୟାଦି ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛି । ଏପରିକି ବେଶୀ ବିପଦ ସୃଷ୍ଟି କରୁଛି ସ୍କୁଲ,କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ଏବଂ ପ୍ରାୟ ସମୟରେ ଶତାଧିକ ଦୁର୍ଘଟଣାମାନ ଘଟି ବହୁ ନିରୀହ ଜୀବନ ମୃତାହତ ହେବାସହ ଗୋରୁଗାଈଙ୍କ ଜୀବନ ମଧ୍ୟ ଅକାଳରେ ଚାଲିଯାଉଛି । ତେବେ ଏହି ରାସ୍ତାଦେଇ ମନ୍ତ୍ରୀ,ସାଂସଦ, ବିଧାୟକ ଙ୍କ ସହିତ ସମସ୍ତ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ଦୈନନ୍ଦିନ ଯାତାୟାତ କରିବାସହ ଏହିଦୃଶ୍ୟ ଦେଖୁଥିଲେ ହେଁ ଜନସାଧାରଣଙ୍କ ଅମୂଲ୍ୟ ଜୀବନପାଇଁ କାହାରି ଦାୟିତ୍ୱ କର୍ତ୍ତବ୍ୟ ନାହିଁ କିମ୍ବା କେହି ଏହି ସମସ୍ୟାର ସ୍ଥାୟୀ ସମସ୍ୟାପାଇଁ ତତ୍ପର ନାହାନ୍ତି ।ଏହି ସମସ୍ୟା ସମାଧାନର ଦାୟିତ୍ୱ କାହାର । କାହିଁକି ଏହିଭଳି ଏକ ଗୁରୁତର ସମସ୍ୟା ପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଉନାହିଁ ଇତ୍ୟାଦି ଅନେକ ପ୍ରଶ୍ନପାଇଁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛିୟ ତେବେ ହିନ୍ଦୋଳ ଉପଖଣ୍ଡ ଶିଶୁ ଠାରୁ ଛାତ୍ରଛାତ୍ରୀ ଓ ନିରୀହ ଜନସାଧାରଣ ଙ୍କ ଜୀବନ ସୁରକ୍ଷାପାଇଁ ତୁରନ୍ତ ରାଜ ରାସ୍ତାକୁ ଗାଈଗୋରୁ ଅବରୋଧ ମୁକ୍ତ କରିବାପାଇଁ ହିନ୍ଦୋଳ ଜନସାଧାରଣ ପ୍ରଶାସନ ନିକଟରେ ଦୃଢ଼ ଦାବି କରିବାସହ ସମସ୍ୟା ସମାଧାନ ନହେଲେ ଆଗାମୀ ଦିନରେ ରାଜରାସ୍ତା କୁ ଉଲ୍‌ହାଇବାକୁ ଚେତାବନୀ ଦେଇଛନ୍ତି ।

### ବାଇକ୍ ଡିକି ଭାଙ୍ଗି ଦେଢ଼ଲକ୍ଷ ଟଙ୍କା ଲୁଟ୍ ଘଟଣା

## ଅଭିଯୁକ୍ତ ଗିରଫ, ୭୦ ହଜାର ଟଙ୍କା ସହ ବାଇକ୍ ଜବତ




**ଦଶପଲ୍ଲା,(ମହାଭାରତ):**

ଦଶପଲ୍ଲା ଏନଏସି ଅନ୍ତର୍ଗତ ଗଜାନନ ବଜାରସ୍ଥିତ ଆଇଆଇଏଫଏଲ ଫାଇନାନ୍ସ ବ୍ୟାଙ୍କ ସମ୍ମୁଖରୁ ବାଇକ ଡିକି ଭାଙ୍ଗି ଦେଢ଼ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଦଶପଲ୍ଲା ପୋଲିସକୁ ବଡ଼ ସଫଳତା ମିଳିଛି । ଘଟଣାର ୩୦ ଘଣ୍ଟା ମଧ୍ୟରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୭୦ ହଜାର ଟଙ୍କା ଓ ଏକ ମୋଟରସାଇକେଲ ଜବତ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଅନ୍ଧାରକୋଟ କୈଳାସପୁର ଗ୍ରାମର ସମୀର ବରାଡ଼ (୩୦) ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ଦେଢ଼ ଲକ୍ଷ ଟଙ୍କା ଉଠାଣ କରିଥିଲେ । ପରେ ସେ ଆଇଆଇଏଫଏଲ ବ୍ୟାଙ୍କରୁ ସୁନା ଗହଣା ମୁକୁଳାଇବା ପାଇଁ ଟଙ୍କାତକ ନିଜ ବାଇକ୍ ଡିକିରେ ରଖି ବ୍ୟାଙ୍କ ଭିତରକୁ ଯାଇଥିଲେ । କାର୍ଯ୍ୟ ସାରି ବାହାରକୁ ଫେରିବା ପରେ ବାଇକର ଡିକି ଭଙ୍ଗା ଯାଇ ସମସ୍ତ ଟଙ୍କା ଲୁଟ୍ ହୋଇଥିବା ଦେଖିବାକୁ ପାଇଥିଲେ । ଏ ନେଇ ସମୀର ଦଶପଲ୍ଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ-୨୦୩/୨୦୨୬ (ଦଫା ୩୦୩(୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାରେ ସମ୍ପୃକ୍ତଥିବା ୨ ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣଙ୍କୁ ଧରିବାରେ ସଫଳ ହୋଇଥିଲାୟ ଗିରଫ ଅଭିଯୁକ୍ତ ଜଣକ ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ପାକଲାପଲ୍ଲୀ ଗ୍ରାମର ଏ. ରଞ୍ଜିତ ରାଓ ବୋଲି ଜଣାପଡ଼ିଛି । ପୋଲିସ ତାଙ୍କ ନିକଟରୁ ଲୁଟ୍ ହୋଇଥିବା ଟଙ୍କାରୁ ନଗଦ ୭୦,୦୦୦ ଟଙ୍କା ଏବଂ ଗୋଟିଏ ଟିଭିଏସ ମୋଟରସାଇକେଲ (ନଂ ଙଡ଼ ୩୨ ଗ ୫୮୧୮) ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ।

## ବ୍ରାଉନ ସୁଗର ଜବତ, ଦୁଇ ଯୁବକ ଫେରାର



**ଉମରକୋଟ,(ମହାଭାରତ)**

ନବରଙ୍ଗପୁର ଜିଲ୍ଲାର ଉମରକୋଟ ପୋଲିସକୌଣସି ସୂତ୍ରରୁ ଖବର ପାଇ ବ୍ରାଉନ ସୁଗର୍ ଥିବା ସ୍ଥାନରେ ଚଢାଉ କରିଛି । ବିଶ୍ୱସ୍ତ ସୂଚନା ଆଧାରରେ ଉମରକୋଟ ଥାନା ପୋଲିସ ପୁରୁଣା ହସ୍ପିଟାଲ ରୋଡ଼, ଭଞ୍ଜ ମଣ୍ଡପ ନିକଟରେ ଚଢ଼ାଉ କରି ୩.୯୪ ଗ୍ରାମ ବ୍ରାଉନ ସୁଗର ଜବତ କରିଛି ।ଏହି ବ୍ରାଉନ ସୁଗର ୪୬ଟି କାଗଜ ପୁଡ଼ିଆରେ ରଖାଯାଇଥିବା ବେଳେ ପୋଲିସ ଏହାକୁ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି ତେବେ ଚଢ଼ାଉ ସମୟରେ ଅନ୍ଧାରର ସୁଯୋଗ ନେଇ ଦୁଇ ଜଣ ଯୁବକ ଫେରାର ହୋଇଯାଇଥିବା ସୂଚନା ମିଳିଛି ।ପୋଲିସର ପ୍ରାରମ୍ଭିକ ତଦନ୍ତରେ ଏହି ଘଟଣାରେ ଉମରକୋଟର ସ୍ଥାନୀୟ ଦୁଇ ଜଣ ଯୁବକଙ୍କୁ ସମ୍ପୃକ୍ତି ଥିବା ଜଣାପଡ଼ିଛି । ଫେରାର ଦୁଇ ଜଣଙ୍କୁ ଧରିବା ପାଇଁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ଏବଂ ତଦନ୍ତ ଜାରି ରହିଛି ।

## ସରକାର ଶୁଣିଲାନି, ଶେଷରେ ନିଜେ ତିଆରି କଲେ ଗାଁ ରାସ୍ତା

**ଲକ୍ଷ୍ମୀପୁର/ ନାରାୟଣପାଟଣା,(ମହାଭାରତ):** ବାରମ୍ବାର ଅଭିଯୋଗ ସତ୍ତ୍ୱେ ଗାଁର ରାସ୍ତା ସମସ୍ୟାର ସମାଧାନ ନହେବାରୁ ଶେଷରେ ନିଜେ ଶ୍ରମଦାନ କରି ରାସ୍ତା ନିର୍ମାଣ କରିଛନ୍ତି ଗ୍ରାମବାସୀ । ଏଭଳି ଚିତ୍ର କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦର ଗ୍ରାମ ପଞ୍ଚାୟତର ଟାଙ୍ଗିଣିପଦର ଗାଁରେ ଦେଖିବାକୁ ମିଳିଛି । ଗ୍ରାମବାସୀଙ୍କ କହିବାନୁସାରେ, ଗାଁର ରାସ୍ତା ସମସ୍ୟା ନେଇ ବାରମ୍ବାର ବ୍ଲକଠାରୁ ଜିଲ୍ଲା ପର୍ଯ୍ୟନ୍ତ ଅଭିଯୋଗ କରାଯାଇଛି । ହେଲେ ଦୀର୍ଘଦିନ ଧରି ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି ।ବିଶେଷକରି ବର୍ଷା ଦିନରେ ରାସ୍ତାର ଅବସ୍ଥା ଅଧିକ ଖରାପ ହୋଇପଡୁଥିବାରୁ ଗ୍ରାମବାସୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି । ଜରୁରୀ ସମୟରେ ରୋଗୀଙ୍କୁ ଡାକ୍ତରଖାନା ନେବା ସମେତ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟରେ ମଧ୍ୟ ଲୋକେ ହଇରାଣ ହେଉଥିବା କହିଛନ୍ତି ।ସରକାରୀ ରାସ୍ତା ନିର୍ମାଣକୁ ଅପେକ୍ଷା କରି କରି ନିରାଶ ହେବା ପରେ ଗ୍ରାମବାସୀ ଏକାଠି ହୋଇ ନିଜ ଶ୍ରମରେ ରାସ୍ତା ନିର୍ମାଣ କରିବାକୁ ଆଗେଇ ଆସିଛନ୍ତି । ଏହି ପଦକ୍ଷେପ ଗ୍ରାମବାସୀଙ୍କ ଏକତା ଓ ସମସ୍ୟା ସମାଧାନ ପାଇଁ ନିଜସ୍ୱ ପ୍ରୟାସର ଏକ ଉଦାହରଣ ପାଲଟିଛି । ତେବେ ପ୍ରଶ୍ନ ଉଠୁଛି, ଯେଉଁ ଗାଁର ଲୋକେ ନିଜେ ଶ୍ରମଦାନ କରି ରାସ୍ତା ତିଆରି କରିବାକୁ ବାଧ୍ୟ ହେଉଛନ୍ତି, ସେଠାରେ ସରକାରୀ ରାସ୍ତା ଯୋଜନାର ଲାଭ କେବେ ପହଞ୍ଚିବ ଟାଙ୍ଗିଣିପଦର ଗାଁକୁ କେବେ ପାକା ରାସ୍ତା ମିଳିବ ଏବଂ ଗ୍ରାମବାସୀଙ୍କ ଯାତାୟାତ ସମସ୍ୟା କେବେ ଦୂର ହେବ, ତାହାକୁ ନେଇ ଏବେ ଅପେକ୍ଷା ରହିଛି ଗ୍ରାମ ବାସୀ ।ଏହି ବିଷୟରେ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ନେବା ପାଇଁ ଆମ ପକ୍ଷରୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର

**ଲକ୍ଷ୍ମୀପୁର,(ମହାଭାରତ):**

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଥାନା ଅନ୍ତର୍ଗତ ସିଦ୍ଧାର୍ଥ ଭିଲେଜ୍ ନିକଟରେ ଶୁକ୍ରବାର ଅପରାହ୍ନରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ଯୁବକ ଜଣକ ଲକ୍ଷ୍ମୀପୁର ପଟରୁ ଆପାଚି ବାଇକ୍ ଯୋଗେ ନିଜ ଘର ର୍ଗିଲିପୁଟ ଅଭିମୁଖେ ଯାଉଥିଲେ । ଏହି ସମୟରେ ସିଦ୍ଧାର୍ଥ ଭିଲେଜ୍ ନିକଟରେ ଏକ ଅଜଣା ଗାଡ଼ି ତାଙ୍କ ବାଇକ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚାଲିଯାଇଥିବା କୁହାଯାଉଛି । ଧକ୍କା ଯୋଗୁଁ ଯୁବକ ଜଣକ ରାସ୍ତାକଡ଼ରେ ପଡ଼ିଥିବା ଦେଖି ଯାତାୟାତ କରୁଥିବା କିଛି ଲୋକ ତାଙ୍କୁ ଉଦ୍ଧାର କରିଥିଲେ । ପରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଥିବା ସୂଚନା ମିଳିଛି । ତେବେ ଦୁର୍ଘଟଣାଟି କିପରି ଘଟିଲା, ଧକ୍କା ଦେଇଥିବା ଗାଡ଼ି କେଉଁଟି ଏବଂ ଗାଡ଼ିଟି କିଏ ଚଳାଉଥିଲେ, ସେନେଇ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ତଥ୍ୟ ମିଳିନାହିଁ । ପୋଲିସ ତଦନ୍ତ ପରେ ହିଁ ଘଟଣାର ପ୍ରକୃତ କାରଣ ଓ ସମ୍ପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିବ ।

## ଗୌଡ଼ଗୁଡା ପଞ୍ଚାୟତରେ ଭୀମଭୋଇ ସାମର୍ଥ୍ୟ ଶିବିର ଉଦ୍‌ଘାଟିତ



**ଲକ୍ଷ୍ମୀପୁର,(ମହାଭାରତ):**

ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସରକାରୀ ସୁବିଧା, ସହାୟତା ଓ ଆବଶ୍ୟକୀୟ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଲକ୍ଷ୍ମୀପୁର ପଞ୍ଚାୟତ ସମିତି ପକ୍ଷରୁ ଗୌଡ଼ଗୁଡା ପଞ୍ଚାୟତଠାରେ ପ୍ରଥମ ପର୍ଯ୍ୟାୟ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଲକ୍ଷ୍ମୀପୁର ବିଧାୟକ ଶ୍ରୀ ପବିତ୍ର ସାଉଁତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ସାଂସଦ ପ୍ରତିନିଧି ଜିତେନ୍ଦ୍ର ବିଶୋଇ, ଜିଲ୍ଲା ପରିଷଦ ସଦସ୍ୟ ହିଙ୍ଗୁ ସାଉଁତା, ସ୍ଥାନୀୟ ସରପଞ୍ଚ ବୁର୍ଜା ସରପଞ୍ଚ, ପଞ୍ଚଡ଼ା ସରପଞ୍ଚ, ଏସ୍‌ଇଓ, ଲକ୍ଷ୍ମୀପୁର,ଗୌଡ଼ଗୁଡାର ପୂର୍ବତନ ସରପଞ୍ଚ ଡମ୍ବରୁ ଭାଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।ଏହି ଅବସରରେ ବିଧାୟକ ଶ୍ରୀ ସାଉଁତା କହିଥିଲେ ଯେ, ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ରହିଥିବା ସରକାରୀ ଯୋଜନା ଓ ସୁବିଧା ଯେପରି ସଠିକ୍ ଭାବେ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ । ଗ୍ରାମାଞ୍ଚଳରେ ଏଭଳି ଶିବିର ଆୟୋଜନ ଦ୍ୱାରା ଦୂରଦୂରାନ୍ତର ଭିନ୍ନକ୍ଷମ ବ୍ୟକ୍ତିମାନେ ସହଜରେ ସରକାରୀ ସୁବିଧା ପାଇବା ପାଇଁ ଆବେଦନ ଓ ପଞ୍ଜୀକରଣ କରିପାରିବେ ବୋଲି ସେ କହିଥିଲେ ।ଭୀମଭୋଇ ସାମର୍ଥ୍ୟ ଶିବିର ମାଧ୍ୟମରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଆବଶ୍ୟକତା ଚିହ୍ନଟ କରିବା ସହ ସେମାନଙ୍କୁ ଆବଶ୍ୟକୀୟ ସରକାରୀ ସେବା ଓ ସହାୟତା ପ୍ରଦାନ ପାଇଁ ବିଭିନ୍ନ ପ୍ରକ୍ରିୟା କରାଯାଇଥାଏ ।

## ନିମାପଡ଼ାରେ ସାର କଳା ବଜାରୀ ଅଭିଯୋଗ

**ପୁରୀ,(ମହାଭାରତ):** ଚାଷୀଙ୍କ ଧାରଣା ରାଜ୍ୟରେ ସାର ସଙ୍କଟ ପାଇଁ ବିଭିନ୍ନ ସ୍ଥାନରେ ଚାଷୀ ଅସନ୍ତୋଷ ଦେଖାଯାଉଥିବା ବେଳେ ପୁରୀ ଜିଲ୍ଲା ନିମାପଡା ବ୍ଲକ ଧଳେଶ୍ୱର ସେବା ସମବାୟ ସମିତି ସମ୍ପାଦକଙ୍କ ନାମରେ ଗତ ମେ ମାସରୁ ୨୭୦ବସ୍ତା ୟୁରୀଆ ସାର ଓ ନାନୋ ୟୁରୀଆ ଉଠାଣ ହୋଇଥିବା ବେଳେ ତିନି ମାସରୁ ଅଧିକ ସମୟ ହେଲା ଚାଷିଙ୍କୁ ସାର ବ□ନ ନକରି ସେବା ସମବାୟ ସମିତି ସଭାପତି ସାରକୁ ଅନ୍ୟତ୍ର ଚାଲାଣ କରାଯାଇଥିବା ଅଭିଯୋଗ କରି ସ୍ଥାନୀୟ ଚାଷୀ ସେବା ସମବାୟ ସମିତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିବା ବେଳେ ଚାଷୀଙ୍କ ଅସନ୍ତୋଷ ପଦାରେ ପଡିବା ପରେ ସମବାୟ ସଭାପତି ୨୭୦ ବସ୍ତା ସାରକୁ ନିକଟସ୍ଥ ଜଣେ ସାର ଡିଲରଙ୍କ ଗୋଦାମରେ ଗଛିତ ରଖିଥିବା ଜଣାପଡିଛି ।

# ରିଷିଡା ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

## ଛୁଟିରେ ଡାକ୍ତର, ରୋଗୀ ହନ୍ତସନ୍ତ




**ରିଷିଡା, (ମହାଭାରତ)**

କର୍ଲାମୁଣ୍ଡା ବ୍ଲକର ରିଷିଡା ସ୍ଥିତ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଆଜକୁ ପ୍ରାୟ ୨ମାସ ହେଲା ଛୁଟିରେ ରହିଛନ୍ତି । ଫଳରେ ରୋଗୀ ସେବାରେ ଗୁରୁତର ପ୍ରଭାବ ପଡୁଛି । ଡାକ୍ତର ଛୁଟିରେ ଥିବାରୁ ତାଙ୍କ ବଦଳରେ ଆଉ ଜଣେ ଡାକ୍ତରକୁ ସାମୟିକ ଭାବେ ନିୟୋଜିତ କରିବା କଥା । କିନ୍ତୁ ଏ ଦିଗରେ ସ୍ୱାସ୍ଥ୍ୟବିଭାଗ ତତ୍ପରତା ଦେଖାଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ।କେବେ କେମିତି ଜଣେ ଆୟୁଷ ଡାକ୍ତରକୁ ଏଠାକୁ ପଠାଇ ବିଭାଗ ନିଜ ଦାୟିତ୍ୱ ସାରିଦେଉଥିବା ଦେଖିବାକୁ ମିଳିଛି । ଅଞ୍ଚଳରେ ରିଷିଡା ଏକ ପ୍ରମୁଖ ସ୍ଥାନ ହୋଇଥିବା ବେଳେ ଆଖପାଖ ଅଞ୍ଚଳର ୩୦ହଜାରରୁ ଅଧିକ ରୋଗୀ ଏହି ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି । ଏଠାରେ ମଧ୍ୟ ପ୍ରସୂତୀ କାମ ହୋଇଥାଏ ।ଏଠାରେ ସ୍ଥାୟୀ ଭାବେ ଅନ୍ତତଃ ଜଣେ ଏମବିବିଏସ ଡାକ୍ତର ରହିବା କଥା କିନ୍ତୁ କାହିଁକି ଅଣଦେଖା କରାଯାଉଛି । ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତ ସୋମବାର ଦିନ ଭବାନୀପାଟଣା ଠାରେ ଅନୁଷ୍ଠିତ ଜିଲାପାଳଙ୍କ ଯୁଗ୍ମଜନଶୁଣାଣୀ ଶିବିରରେ ସ୍ଥାନୀୟ ଯୁବସଂଗଠକ ସଲିମ ଶେଖର ରଣା ଏନେଇ ଲିଖିତ ଅଭିଯୋଗ କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିଡିଏମଓ ସାତଦିନ ମଧ୍ୟରେ ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ପ୍ରକାଶ କରିଥିଲେ ।ବର୍ତ୍ତମାନ ସମୟରେ କର୍ଲାମୁଣ୍ଡା ସିଏଚସିରୁ ଜଣେ ଡାକ୍ତରଙ୍କୁ ଏଠାରେ ସାମୟିକ ଭାବେ ନିୟୋଜିତ କରିବା ସହ ଏଠାରେ ଆବଶକୀୟ ଖାଲି ପଦବୀ ପୂରଣ କରିବା ପାଇଁ ଜିଲା ସ୍ୱାସ୍ଥ୍ୟବିଭାଗ ଦୃଷ୍ଟିଦେବାକୁ ଦାବି ହେଉଛ । ନଚେତ ଆଗାମୀ ଦିନରେ ଆନ୍ଦୋଳନ ପଦକ୍ଷେପ ନିଆଯିବ ବୋଲି ଯୁବଗୋଷ୍ଠୀ ଚେତାବନୀ ଦେଇଛନ୍ତି ।

# ୪୫ ଜଣ ଏମପିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ,୭।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର (୭ ଅଗଷ୍ଟ, ୨୦୨୬) ଦିନ ବ୍ରେକଫାଷ୍ଟ ସମୟରେ ଶିବସେନା, ଏନସିପିଆଇ ଏବଂ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଘଡଚ ଗୋଷ୍ଠୀର ସାଂସଦ (ଏମପି)ଙ୍କ ସହ ସାକ୍ଷାତ କରିଥିଲେ। ପ୍ରାୟ ୪୫ ଜଣ ଏମପିଙ୍କ ଗୋଷ୍ଠୀରେ ଶିବସେନାର ୭ ଜଣ, ଘଡଚଓର ୨୦, ଅଜିତ ପାୱାରଙ୍କ ଘଡଚର ୨ ଏବଂ ଉପେନ୍ଦ୍ର କୁଶୱାହା ଥିଲେ। ବୈଠକ ସମୟରେ, ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ ଯେ ସମଗ୍ର ଏନସିପି ଗୋଟିଏ ପରିବାର। ସେ ଏମପିମାନଙ୍କୁ ସେମାନଙ୍କ ନିଜ ନିଜ ନିର୍ବାଚନମଣ୍ଡଳୀରେ ବିକାଶ ପ୍ରକଳ୍ପଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ସେମାନଙ୍କର କ୍ଷମତାକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଏମପିମାନଙ୍କୁ ସେମାନଙ୍କ ଅଞ୍ଚଳରେ ଯେକୌଣସି ବିକାଶମୂଳକ କାର୍ଯ୍ୟ ବିଷୟରେ ସିଧାସଳଖ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ଚଗଙ) ସହିତ ଯୋଗାଯୋଗ କରିବାକୁ କହିଥିଲେ। ସେ ପ୍ରତ୍ୟେକ ଏମପିଙ୍କ ମଙ୍ଗଳ ବିଷୟରେ ପଚାରିବା ପାଇଁ ବ୍ୟକ୍ତିଗତ ଭାବରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଧାରାଶିବ ଏମପି ଓମରାଜେ ନିମ୍ବାଲକରଙ୍କ ଯୋଗ ଅଭ୍ୟାସ ବିଷୟରେ ମଧ୍ୟ ପଚାରିଥିଲେ। ପ୍ରଧାନମନ୍ତ୍ରୀ ସେମାନଙ୍କୁ ସେମାନଙ୍କ ଶରୀର ଏବଂ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ, ଉଲ୍ଲେଖ କରିଥିଲେ ଯେ ସେମାନେ ସୁସ୍ଥ ରହିଲେ ହିଁ ସେମାନେ ଦେଶ ସେବା କରିପାରିବେ। ସେ ସମସ୍ତ ଏମପିଙ୍କୁ ସେମାନଙ୍କ ନିର୍ବାଚନମଣ୍ଡଳୀର ଗରିବ, ଶ୍ରମିକ ଏବଂ କୃଷକଙ୍କ ସହିତ ସାକ୍ଷାତ କରିବାକୁ ଏବଂ ସେମାନଙ୍କ ସମସ୍ୟା ବୁଝିବାକୁ କହିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଏମପିମାନଙ୍କୁ ଦଳୀୟ ଲାଇନକୁ ପାଳନ କରିବାକୁ ଏବଂ ପ୍ରତ୍ୟେକ ପ୍ରସଙ୍ଗରେ ଶାନ୍ତ ଭାବରେ ସେମାନଙ୍କର ମତାମତ ପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, 'ଗୃହ ଭିତରର ଚିନ୍ତା ବାହାରକୁ ନେଇ ଯାଆନ୍ତୁ ନାହିଁ। କେତେକ ସମୟରେ, ଗୃହ ଭିତରର ପରିବେଶ ଚିନ୍ତା ସୃଷ୍ଟି କରେ, ତେଣୁ ତାହା ଆପଣଙ୍କୁ ପ୍ରଭାବିତ କରିବାକୁ ଦିଅନ୍ତୁ ନାହିଁ। କ୍ରୋଧରେ କହିବା କିମ୍ବା ଚିତ୍କାର କରିବାର କୌଣସି ଆବଶ୍ୟକତା ନାହିଁ। ଆପଣମାନେ ସମସ୍ତେ ଦଳର ନୀତି ବିଷୟରେ ଜାଣନ୍ତି, ଏବଂ ପ୍ରତ୍ୟେକ ବିଷୟରେ ଶାନ୍ତିପୂର୍ଣ୍ଣ ଭାବରେ ଆପଣଙ୍କର ମତାମତ ଉପସ୍ଥାପନ କରିବା ଉଚିତ।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ ବିଷୟରେ କହିବାକୁ ଗଲେ, ବିଦ୍ରୋହୀ ଟିଏମସି ଏମପି ଏବଂ ଏନସିପିଆଇ ନେତା କାକୋଲି ଘୋଷ କହିଛନ୍ତି, 'ଆମେ ତାଙ୍କ ଜ୍ଞାନରେ ଅଭିଭୂତ। ସେ ଆମକୁ ଆଲିଙ୍ଗନ କରି କହିଥିଲେ ଯେ ସମସ୍ତେ – ସେମାନେ ୨୦ ବର୍ଷ ଧରି ଏନଡିଏରେ ଅଛନ୍ତି କିମ୍ବା ମାତ୍ର ଗୋଟିଏ ବର୍ଷ ପୂର୍ବରୁ ମେଣ୍ଟରେ ସାମିଲ ହୋଇଛନ୍ତ, ସମସ୍ତେ ଆମ ପରିବାରର ଅଂଶ। ସେ ଏକ ସକାରାତ୍ମକ ବାର୍ତ୍ତା ଦେଇଥିଲେ ଯେ ଆମେ ସମସ୍ତେ ପ୍ରଗତି ପାଇଁ ଏକାଠି କାମ କରିବୁ।'

# ରଣ ଶୁଝିବାକୁ ଆଉ ଗ୍ରାହକଙ୍କୁ ମିଳିବନି ଧମକ




ନୂଆଦିଲ୍ଲୀ : ଗ୍ରାହକଙ୍କ ସୁରକ୍ଷା ପାଇଁ ଆରବିଆଇର ବଡ ପଦକ୍ଷେପ। ରଣ ଶୁଝିବାକୁ ଆଉ ଗ୍ରାହକଙ୍କୁ ମିଳିବନି ଧମକ। କିମ୍ବା ବିଳମ୍ବିତ ରାତିରେ କଲ ଆସିବନି। ରଣ ଆଦାୟ ନାଁରେ ଗ୍ରାହକଙ୍କୁ ଦିଆଯାଉଥିବା ମାନସିକ ନିର୍ଯାତନା ଉପରେ ଲଗାମ ଲଗାଇଛି ଭାରତୀୟ ରିଜର୍ଭ ବ୍ୟାଙ୍କ । ବ୍ୟାଙ୍କ ଓ ଆଦାୟକାରୀ ସଂସ୍ଥାଗୁଡ଼ିକ ପାଇଁ ଜଈଓ କଠୋର ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ନୂଆ ନିୟମ ଅନୁଯାୟୀ, ରଣ ଟଙ୍କା ପାଇଁ ରିକଭରି ଏଜେଣ୍ଟ ଗ୍ରାହକଙ୍କୁ କୌଣସି ପ୍ରକାରର ଗାଳିଗୁଲଜ, ଧମକ କିମ୍ବା ସାମାଜିକ ସ୍ତରରେ ଅପମାନିତ କରିପାରିବେ ନାହିଁ। ପରିବାରରେ କାହାର ମୃତ୍ୟୁ ହୋଇଥିଲେ କିମ୍ବା ଅସୁସ୍ଥ ଥିଲେ ଏବଂ ବିବାହ ଉତ୍ସବ ଚାଲିଥିବା ବେଳେ ଗ୍ରାହକଙ୍କୁ ରିକଭରି ଏଜେଣ୍ଟ ହଇରାଣ କରିପାରିବେ ନାହିଁ। ଏହି ନୂଆ ଗାଇଡଲାଇନ ଆସନ୍ତା ୨୦୨୭ ଜାନୁଆରୀ ୧ ତାରିଖରୁ ସାରା ଦେଶରେ ଲାଗୁ ହେବ। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ରିକଭରି ଏଜେଣ୍ଟମାନେ ଗ୍ରାହକଙ୍କୁ କେବଳ ସକାଳ ୮ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ହିଁ ଫୋନ୍ କରିପାରିବେ କିମ୍ବା ଘରକୁ ଯାଇପାରିବେ। ରାତିରେ କଲ୍ କରିବା ଏବଂ ବାରମ୍ବାର ଫୋନ କରି ବିରକ୍ତ କରିବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଯଦି ରିକଭରି ଏଜେଣ୍ଟ କୌଣସି ଗ୍ରାହକଙ୍କ ଘରକୁ ଆସିବାକୁ ଚାହୁଁଥିବେ ତେବେ ତାଙ୍କୁ ଗୋଟିଏ ଦିନ ପୂର୍ବରୁ ସୂଚନା ଦେବାକୁ ପଡିବ। ସେହିପରି ଗ୍ରାହକଙ୍କ ବ୍ୟତୀତ ତାଙ୍କର କୌଣସି ସମ୍ପର୍କୀୟ, ସାଙ୍ଗସାଥୀ କିମ୍ବା ପଡ଼ୋଶୀଙ୍କୁ ରଣ ବାବଦରେ କୌଣସି ସୂଚନା ବ୍ୟାଙ୍କ କିମ୍ବା ରିକଭରି ଏଜେଣ୍ଟ ଦେଇପାରିବେ ନାହିଁ। ସେହିପରି ଗ୍ରାହକଙ୍କ ଫଟୋ କିମ୍ବା ବ୍ୟକ୍ତିଗତ ତଥ୍ୟକୁ ସୋସିଆଲ ମିଡିଆରେ ପୋଷ୍ଟ କରି ବଦନାମ କରିବା ଆଇନଗତ ଅପରାଧ ଭାବେ ଗଣାଯିବ। ଯଦି କେହି ଫୋନ୍ କିଣିବାକୁ ରଣ ନେଇଛନ୍ତି, ତେବେ କିସ୍ତି ବାକି ରହିବାର ୩୦ ଦିନ ପୂର୍ବରୁ ଡିଭାଇସ୍ ଲକ୍ କରାଯାଇପାରିବ ନାହିଁ। ଡିଭାଇସ ଲକ୍ ପାଇଁ ୬୦ ଦିନର ସମୟ ସୀମା ଧାର୍ଯ୍ୟ କରାଯାଇଛି। ଜରୁରୀକାଳୀନ ସେବା ଏବଂ ଜରୁରୀ କଲଗୁଡିକୁ ବନ୍ଦ କରାଯାଇପାରିବ ନାହିଁ। ଯଦି ବ୍ୟାଙ୍କ ଭୁଲ୍ ବଶତଃ ଗ୍ରାହକଙ୍କ ଫୋନ୍ ଲକ୍ କରେ କିମ୍ବା ଟଙ୍କା ପରିଶୋଧ ପରେ ବି ଅନଲକ୍ ନକରେ, ତେବେ ଗ୍ରାହକଙ୍କୁ ଘଣ୍ଟା ପ୍ରତି ୨୫୦ ଟଙ୍କା ହିସାବରେ କ୍ଷତିପୂରଣ ମିଳିବ। ଯଦି କୌଣସି ବ୍ୟାଙ୍କ କିମ୍ବା ଏଜେଣ୍ଟ ଏହି ନିୟମ ଉଲ୍ଲଂଘନ କରନ୍ତି, ତେବେ ସମ୍ପୃକ୍ତ ବ୍ୟାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରବିଆଇ ସ୍ପଷ୍ଟ କରିଛି।

# ନୂଆଦିଲ୍ଲୀରେ ଏଲଏସିକୁ ନେଇ ଭାରତ–ଚୀନ୍ ମଧ୍ୟରେ କୂଟନୈତିକ ଆଲୋଚନା

ନୂଆଦିଲ୍ଲୀ : ଭାରତ ଓ ଚୀନ୍ ମଧ୍ୟରେ ନୂଆଦିଲ୍ଲୀଠାରେ ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି)ର ସମଗ୍ର ସ୍ଥିତି ସମୀକ୍ଷା କରାଯିବା ସହ ସୀମା ନିର୍ଦ୍ଧାରଣ, ସୀମା ପରିଚାଳନା ଏବଂ ସୀମାପାର ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରମୁଖ ମୁଦ୍ଦା ଉପରେ ଆଲୋଚନା ହୋଇଥିବା ନେଇ ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି। ''ୱାର୍କିଂ ମେକାନିଜିମ୍ ଫର୍ କନସଲଟେସନ୍ ଏଣ୍ଡ କୋଅର୍ଡିନେସନ୍ ଅନ୍ ଇଣ୍ଡିଆ-ଚାଇନା ବୋର୍ଡର ଆଫେୟାର୍ସ'' (ଡବ୍ଲୁଏମସିସି) ଢାଞ୍ଚା ଅଧୀନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଦୁଇ ପକ୍ଷ ମଧ୍ୟରେ ସୀମା ସ୍ଥିତିକୁ ନେଇ ଖୋଲାଖୋଲି ଆଲୋଚନା ହୋଇଛି। ସୀମାଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦ୍ୱିପାକ୍ଷିକ ସମ୍ପର୍କର ସମଗ୍ର ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ଉଭୟ ଦେଶ ଗୁରୁତ୍ୱାରୋପ କରିଛନ୍ତି। ଏହାସହ 'ଏଲଏସି'ରେ କୌଣସି ପ୍ରକାର ଭୁଲ୍ ବୁଝାମଣା ଏବଂ ସମସ୍ୟାକୁ ଏଡ଼ାଇବା ପାଇଁ ପୂର୍ବରୁ ରହିଥିବା କୂଟନୈତିକ ଓ ସାମରିକ ମାଧ୍ୟମଗୁଡ଼ିକର ନିରନ୍ତର ବ୍ୟବହାର କରିବାକୁ ସମ୍ମତି ପ୍ରକାଶ ପାଇଛି। ଏହା ବ୍ୟତୀତ, ବିଶେଷ ପ୍ରତିନିଧି ସ୍ତରୀୟ ଆଲୋଚନାର ନିଷ୍ପତ୍ତି ଆଧାରରେ ସୀମା ନିର୍ଦ୍ଧାରଣ ଓ ପରିଚାଳନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଭାରତ ପକ୍ଷରୁ ସୀମାପାର ନଦୀଗୁଡ଼ିକ ସମ୍ପର୍କିତ ବିଶେଷଜ୍ଞ ସ୍ତରୀୟ ବୈଠକ ଶୀଘ୍ର ଡାକିବା ଏବଂ ନଦୀର ଉପରମୁଣ୍ଡ ପ୍ରକଳ୍ପ ସମ୍ବନ୍ଧୀୟ ବୈଷୟିକ ତଥ୍ୟ ଆଦାନପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଆଲୋଚନାରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ବୈଦେଶିକ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜିତ୍ ଘୋଷ ନେଇଥିବା ବେଳେ ଚୀନ୍ ପ୍ରତିନିଧି ଦଳର ନେତୃତ୍ୱ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ସୀମା ଓ ମହାସାଗରୀୟ ବ୍ୟାପାର ବିଭାଗର ମହାନିର୍ଦ୍ଦେଶକ ହାଓ ୟାନକି ନେଇଥିଲେ।

# ଗରମରୁ ରକ୍ଷା ପାଇବା ପାଇଁ ଲୋକଙ୍କୁ କିମ୍ ଜୋଙ୍ଗ୍ ଉନ୍‌ଙ୍କ ଅଜବ ନିର୍ଦ୍ଦେଶ

ପ୍ୟୋଙ୍ଗୟାଙ୍ଗ : ଉତ୍ତର କୋରିଆରେ ବର୍ତ୍ତମାନ ପ୍ରବଳ ଗରମ ଅନୁଭୂତ ହେଉଛି। ଏହି ଗରମ ଯୋଗୁ ସେଠାକାର ଲୋକମାନଙ୍କୁ ଏମିତି ନିର୍ଦ୍ଦେଶ ଦିଆଯାଇଛି ଯାହା ଆଶ୍ଚର୍ଯ୍ୟଜନକ। ଉତ୍ତର କୋରିଆର



ଲୋକମାନଙ୍କୁ ପାରମ୍ପରିକ କୁକୁର ମାଂସ ସୁପ୍ ପିଇବାକୁ କିମ୍ ଜୋଙ୍ଗ୍ ଉନ୍ ନିର୍ଦ୍ଦେଶ ଦେଇଛନ୍ତି ଯାହାକି ଡାକ୍ତରଙ୍କ ପରାମର୍ଶରେ। କୁହାଯାଉଛି କି, ଏହି ସୁପ୍ ଶରୀରକୁ ଶକ୍ତି ପ୍ରଦାନ କରେ ଏବଂ ଗରମ ଷ୍ଟ୍ରୋକ୍ ଭଳି ସମସ୍ୟାକୁ ରୋକିବାରେ ସାହାଯ୍ୟ କରେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, କୋରିଆନ ଉପଦ୍ୱୀପରେ ପ୍ରବଳ ଗରମ ପ୍ରବାହ ଅନୁଭୂତ ହେଉଛି। ଅନେକ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି। ଏହି ପରିପ୍ରେକ୍ଷୀରେ, ଉତ୍ତର କୋରିଆର ସରକାରୀ ଖବରକାଗଜରେ ଜଣେ ବରିଷ୍ଠ ଡାକ୍ତରଙ୍କ ସହ ଏକ ସାକ୍ଷାତକାର ପ୍ରକାଶିତ ହୋଇଥିଲା, ଯେଉଁଥିରେ ଲୋକଙ୍କୁ ପାରମ୍ପରିକ କୁକୁର ମାଂସ ସୁପ୍ ପିଇବାକୁ ପରାମର୍ଶ ଦିଆଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଖାଦ୍ୟକୁ କୋରିଆନ ଯିରେ ଡାଙ୍ଗୋଗି ଗୁକ କୁହାଯାଏ, ଯାହାର ଅର୍ଥ 'ମିଠା ମାଂସ ସୁପ'। ସରକାରୀ ଖବରକାଗଜ ଦାବି କରିଛି ଯେ, ଏହି ମିଠା ସୁପ୍ ବହୁତ ପୁଷ୍ଟିକର, ଅତ୍ୟଧିକ ଗରମ ସମୟରେ ଶରୀରକୁ ଶକ୍ତି ପ୍ରଦାନ କରେ ଏବଂ ଗରମ ଷ୍ଟ୍ରୋକ ସମ୍ବନ୍ଧୀୟ ସମସ୍ୟା ସହିତ ଲଢ଼ିବାରେ ସାହାଯ୍ୟ କରେ। ରିପୋର୍ଟ ଅନୁଯାୟୀ, ଏହା ହାର୍ଟ ସମ୍ବନ୍ଧୀୟ ରୋଗ ପାଇଁ ଲାଭଦାୟକ। ମଧୁମେହ ଏବଂ ହାଇପରଥାଇରଏଡିଜ୍‌ମା ଭଳି ପରିସ୍ଥିତିରେ ପୀଡ଼ିତ ଲୋକଙ୍କୁ ଲାଭ ମିଳିଥାଏ। ଉତ୍ତର କୋରିଆରେ, ବହୁ ଦିନ ଧରି ଏକ ବିଶ୍ୱାସ ରହିଆସିଛି ଯେ, କୁକୁର ମାଂସ ସୁପ୍ ପୁରୁଷଙ୍କ ଶାରୀରିକ ଶକ୍ତି ବୃଦ୍ଧି କରେ ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ। ତଥାପି ବୈଜ୍ଞାନିକମାନେ ଏହି ଦାବିଗୁଡ଼ିକ ଉପରେ ବିଭାଜିତ, ଏବଂ ଏହାକୁ ସମର୍ଥନ କରିବା ପାଇଁ ପର୍ଯ୍ୟାପ୍ତ ବୈଜ୍ଞାନିକ ପ୍ରମାଣ ନାହିଁ। ରିପୋର୍ଟ ଅନୁଯାୟୀ, ରାଜଧାନୀ ପ୍ୟୋଙ୍ଗୟାଙ୍ଗର ଏକ ରେଷ୍ଟୁରାଣ୍ଟରେ କେବଳ କୁକୁର ମାଂସରୁ ତିଆରି ସୁପ୍ ପରିବେଷଣ କରାଯାଏ। ଦାବି କରାଯାଇଛି, ଉତ୍ତର କୋରିଆର ନେତା ଏବଂ ଏକଛତ୍ରବାଦୀ କିମ୍ ଜୋଙ୍ଗ୍ ଉନ୍ ଏହି ଖାଦ୍ୟର ପ୍ରଶଂସକ। ଏହା ପ୍ରାୟତଃ ରାଜ୍ୟ ଭୋଜି ଏବଂ ଡିନର ପାର୍ଟିରେ ପରିବେଷଣ କରାଯାଏ। କୋରିଆନ ଉପଦ୍ୱୀପ ବର୍ତ୍ତମାନ ୧୦୦ ବର୍ଷ ମଧ୍ୟରେ ସବୁଠାରୁ ଗରମ ଲହରି ଅନୁଭବ କରୁଛି। ସେହିପରି ଦକ୍ଷିଣ କୋରିଆର ୟାଙ୍ଗସାନରେ ତାପମାତ୍ରା ୪୨.୫ ଡିଗ୍ରୀ ସେଲସିୟସରେ ପହଞ୍ଚିଛି, ଯାହା ଏକ ଶତାବ୍ଦୀ ମଧ୍ୟରେ ସର୍ବାଧିକ ରେକର୍ଡ କରାଯାଇଛି।

# କିପରି ହେଉଥିଲା ନିଟ୍ ପ୍ରଶ୍ନପତ୍ର ଲିକ୍

ନୂଆଦିଲ୍ଲୀ : ନିଟ୍ ପ୍ରଶ୍ନପତ୍ର ଲିକ୍ ନେଇ ଦେଶରେ ଛାତ୍ରଙ୍କ ତୀବ୍ର ପ୍ରତିବାଦ ଓ ତତ୍କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ବି ଏହି ପ୍ରସଙ୍ଗ ଥମି ନାହିଁ। ସରକାର ପ୍ରଶ୍ନପତ୍ର ଲିକ୍ ଉପରେ ଅଙ୍କୁଶ ଲଗାଇବାକୁ ଆଇନରେ କଠୋର ବ୍ୟବସ୍ଥା ମଧ୍ୟ କରିଥିଲେ। ପ୍ରଶ୍ନ ପ୍ରସ୍ତୁତ କରୁଥିବା ବିଶେଷଜ୍ଞମାନେ ପ୍ରଶ୍ନ ମନେ ରଖିବା ସହିତ ଚିଟ୍ ବ୍ୟବହାର କରୁଥିବା ଜଣାପଡ଼ିଛି। ମାମଲାର ତଦନ୍ତ କରୁଥିବା ସିବିଆଇର ଚାର୍ଜସିଟ୍‌ରୁ ଜଣାପଡ଼ିଛି ଯେ, ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ରେ ବିଶେଷଜ୍ଞ ପ୍ରଶ୍ନପତ୍ର ଲିକ୍ କରିଥିଲେ। ପ୍ରଶ୍ନ ପ୍ରସ୍ତୁତ କରୁଥିବା ବିଶେଷଜ୍ଞମାନେ ପ୍ରଶ୍ନଗୁଡ଼ିକୁ ମନେ ରଖିବା ସହିତ ଏହାକୁ ଚିଟ୍‌ରେ ଲେଖିବା, ପୁସ୍ତକରେ ପ୍ରାସଙ୍ଗିକ ଅନୁଚ୍ଛେଦଗୁଡ଼ିକୁ ଚିହ୍ନିତ କରିବା ପରି ଉପାୟ ଅବଲମ୍ବନ କରୁଥିଲେ। ଏନ୍‌ଟିଏ ଦଳର ଅଂଶ ଥିବା ତିନି ଜଣ ବିଷୟ ବିଶେଷଜ୍ଞ କିପରି ପ୍ରଶ୍ନପତ୍ର ଲିକ୍ କରିଥିଲେ ତାହା ୯୪ ପୃଷ୍ଠାର ସିବିଆଇ ଚାର୍ଜସିଟ୍‌ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଚାର୍ଜସିଟରେ ପିଭି କୁଲକର୍ଣ୍ଣୀ, ମନୀଷା ମନ୍ଧାରେ ଓ ମନୀଷା



ହାବଲଦାରଙ୍କୁ ପେପର ଲିକ୍ ର ମୁଖ୍ୟ ଉତ୍ସ ଭାବରେ ନାମିତ କରାଯାଇଛି। କୁଲକର୍ଣ୍ଣୀ ରସାୟନ ବିଜ୍ଞାନର ବିଶେଷଜ୍ଞ ଥିଲେ, ମାନ୍ଧାରେ ଓ ହାବଲଦାର ଯଥାକ୍ରମେ ଉଦ୍ଭିଦ ବିଜ୍ଞାନ ଓ ପଦାର୍ଥ ବିଜ୍ଞାନର ବିଶେଷଜ୍ଞ ଥିଲେ। ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ଏଜେନ୍ସି ଦ୍ୱାରା ଗିରଫ ୧୩ ଜଣ ଅଭିଯୁକ୍ତଙ୍କ ମଧ୍ୟରେ ସେମାନେ ଅନ୍ୟତମ। ସିବିଆଇ ଚାର୍ଜସିଟ୍‌ରେ ଦର୍ଶାଇଛି ଯେ, ପ୍ରଶ୍ନ ପ୍ରସ୍ତୁତି ଓ ଅନୁବାଦ ପ୍ରକ୍ରିୟା ସମୟରେ ସେହି ତିନିଜଣଙ୍କର ବିଭିନ୍ନ ବିଭାଗରେ ପ୍ରବେଶ ଥିଲା। ସେମାନେ କାଗଜର ସ୍ଲିପରେ ପ୍ରଶ୍ନଗୁଡ଼ିକୁ କପି କରୁଥିଲେ, ଏନ୍‌ସିଇଆର୍‌ଟି ଅଧ୍ୟାୟ ଓ ଅନୁଚ୍ଛେଦଗୁଡ଼ିକୁ ଚିହ୍ନଟ କରୁଥିଲେ ଓ ବିଶ୍ୱସ୍ତ ମଧ୍ୟସ୍ଥି ଏବଂ କୋଚିଂ ନେଟୱାର୍କ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସହିତ ସେୟାର କରିଥିଲେ। ଏହି ପଦ୍ଧତିଟି ଡିଜିଟାଲ୍ ପ୍ରମାଣ ନ ରଖିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ସିବିଆଇ ଅନୁମାନ କରୁଛି। ସିବିଆଇ ଦାବି କରିଛି ଯେ, ଲିକ୍ ଆର୍ଥିକ ଲାଭ ଓ କିଛି ଅଭିଯୁକ୍ତଙ୍କ ଦ୍ୱାରା ପରିଚାଳିତ କୋଚିଂକ୍ଲାସର ସଫଳତା ହାରକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ହୋଇଥିଲା। ଲିକ୍ ହୋଇଥିବା ପ୍ରଶ୍ନପତ୍ରକୁ ନିଜେ ହାତରେ ଲେଖି ନେବାକୁ କୋଚିଂ ଅନୁଷ୍ଠାନ ଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହି ଅଭିଯୋଗଗୁଡ଼ିକ ସିବିଆଇ ଚାର୍ଜସିଟର ଏକ ଅଂଶ ଏବଂ ଏପର୍ଯ୍ୟନ୍ତ କୋର୍ଟରେ ତର୍ଜମା କରାଯାଇ ନାହିଁ।

# ବିବାହ ବିଚ୍ଛେଦ ଆବେଦନ ପ୍ରତ୍ୟାହାର କଲେ ବିଜୟଙ୍କ ପତ୍ନୀ ସଙ୍ଗୀତା



ଚେନ୍ନାଇ: ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କ ପତ୍ନୀ ସଙ୍ଗୀତା ସୋର୍ଣ୍ଣାଲିଙ୍ଗମ୍ ଶୁକ୍ରବାର ଚେନ୍ନାଇ ନିକଟସ୍ଥ ଚେଙ୍ଗଲପଟ୍ଟୁ ପାରିବାରିକ ଅଦାଲତରେ ଦାୟର କରିଥିବା ନିଜର ବିବାହ ବିଚ୍ଛେଦ ଆବେଦନକୁ ପ୍ରତ୍ୟାହାର କରିନେଇଛନ୍ତି। ମାମଲାର ଶୁଣାଣି ସମୟରେ ସଙ୍ଗୀତା ଭିଡିଓ କନଫରେନ୍ସିଂ ମାଧ୍ୟମରେ ହାଜର ହୋଇ ଏହି ମାମଲାକୁ ଆଗକୁ ବଢ଼ାଇବାକୁ ଚାହୁଁ ନଥିବା କୋର୍ଟଙ୍କୁ ଜଣାଇଥିଲେ। ଏହାପରେ ଅଦାଲତ ଆବେଦନଟିକୁ ପ୍ରତ୍ୟାହାର ଗ୍ରହଣ କରି ମାମଲାକୁ ଖାରଜ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଫେବୃଆରୀ ମାସରେ ସଙ୍ଗୀତା ଏହି ବିବାହ ବିଚ୍ଛେଦ ଆବେଦନ ଦାଖଲ କରିଥିଲେ। ସେଥିରେ ସେ ବିଜୟଙ୍କ ବିରୋଧରେ ଜଣେ ଅଭିନେତ୍ରୀଙ୍କ ସହ ପରକୀୟା ପ୍ରୀତିରେ ଲିପ୍ତ ରହିବା, ସାମାଜିକ ଓ ବ୍ୟବସାୟିକ ଜୀବନରୁ ତାଙ୍କୁ ଦୂରେଇ ରଖିବା ଏବଂ ମାନସିକ ନିର୍ଯାତନା ଦେବା ଭଳି ଗମ୍ଭୀର ଅଭିଯୋଗ ଆଣିଥିଲେ। ଏହିସବୁ ଘଟଣା ଯୋଗୁଁ ସେ ଓ ତାଙ୍କର ଦୁଇ ସନ୍ତାନ ଜେସନ୍ ସଞ୍ଜୟ ଓ ଦିବ୍ୟା ସାଶା ବାରମ୍ବାର ଅପମାନିତ ହୋଇଥିଲେ ଏବଂ ତାଙ୍କର ବୈବାହିକ ସମ୍ପର୍କ କେବଳ କାଗଜପତ୍ରରେ ସୀମିତ ରହିଯାଇଥିଲା ବୋଲି ସେ ଦର୍ଶାଇଥିଲେ। ତେବେ ଶୁକ୍ରବାର ଆବେଦନ ପ୍ରତ୍ୟାହାର ହେବା ପରେ ଏହି ଚର୍ଚ୍ଚିତ ବିବାଦରେ ବର୍ତ୍ତମାନ ପୂର୍ଣ୍ଣଚ୍ଛେଦ ପଡ଼ିଛି।

# ଶେଖ୍ ହାସିନାଙ୍କ ବୟାନରୁ ଦୂରେଇଲା ଭାରତ !

ନୂଆଦିଲ୍ଲୀ, ୦୭/୦୮: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଏକ ମିଡିଆ କାର୍ଯ୍ୟକ୍ରମକୁ ନେଇ ଭାରତ ସରକାର ସ୍ପଷ୍ଟୀକରଣ ଦେଇଛି । ବିଦେଶ ମନ୍ତ୍ରାଳୟ କହିଛି ଯେ, ଅଗଷ୍ଟ ୫ ତାରିଖରେ ହୋଇଥିବା ସେହି ମିଡିଆ ସଂଲାପ ସମ୍ପୂର୍ଣ୍ଣ ଭାବେ ଏକ ବେସରକାରୀ ମିଡିଆ ସଂସ୍ଥା ଦ୍ୱାରା ଆୟୋଜିତ ଥିଲା ଏବଂ ଏଥିରେ ଭାରତ ସରକାରଙ୍କ କୌଣସି ଭୂମିକା ନଥିଲା । ମନ୍ତ୍ରାଳୟ ଆହୁରି କହିଛି ଯେ, କାର୍ଯ୍ୟକ୍ରମରେ ଶେଖ୍



ହାସିନା ଯାହା କହିଥିଲେ, ତାହାକୁ ଭାରତ ସରକାର ସମର୍ଥନ କରୁନାହିଁ । ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଛନ୍ତି, ବିଶେଷ କରି ବାଂଲାଦେଶର ବୈଧ ସରକାର ସମ୍ପର୍କରେ କରାଯାଇଥିବା ମତାମତକୁ ଭାରତ ସରକାର ଅନୁମୋଦନ କରୁନାହିଁ । ଭାରତରେ ରହୁଥିବା ଶେଖ୍ ହାସିନା ଏକ ଭର୍ଚୁଆଲ୍ ମିଡିଆ ସଂଲାପରେ କହିଥିଲେ ଯେ, ସେ ଡିସେମ୍ବରରେ ବାଂଲାଦେଶ ଫେରିବେ ଏବଂ ଗଣତନ୍ତ୍ର ପୁନଃସ୍ଥାପନ କରିବେ। ସେ ଆହୁରି କହିଥିଲେ ଯେ, ତାଙ୍କୁ କାରାଗାରକୁ ପଠାଯାଇପାରେ କିମ୍ବା ମୃତ୍ୟୁଦଣ୍ଡ ମଧ୍ୟ ଦିଆଯାଇପାରେ, ତଥାପି ସେ ନିଜ ଦେଶକୁ ଫେରିବେ । ଏହି ବକ୍ତବ୍ୟ ପରେ ବାଂଲାଦେଶ ସରକାର ତୀବ୍ର ପ୍ରତିକ୍ରିୟା ଦେଇଛି । ଢାକା କହିଛି ଯେ, ଭାରତୀୟ ଭୂମିରୁ ବାଂଲାଦେଶ ବିରୋଧରେ ଏଭଳି ମତାମତ ଦିଆଯିବା ଦେଶର ସାର୍ବଭୌମତ୍ୱ ପ୍ରତି ଅପମାନ । ଶେଖ୍ ହାସିନାଙ୍କ ପ୍ରତ୍ୟର୍ପଣ ଦାବି ଉପରେ ଭାରତ ଏପର୍ଯ୍ୟନ୍ତ କୌଣସି ଔପଚାରିକ ଉତ୍ତର ଦେଇନଥିବା ମଧ୍ୟ ବାଂଲାଦେଶ କହିଛି । ଏହି ପ୍ରସଙ୍ଗ ଦୁଇ ଦେଶର କୂଟନୈତିକ ସମ୍ପର୍କକୁ ନେଇ ନୂଆ ଚର୍ଚ୍ଚା ସୃଷ୍ଟି କରିଛି ।

# ଅଭ୍ୟାସ ମ୍ୟାଚ୍‌ରେ ଶ୍ରୀଲଙ୍କା ଏକାଦଶ ୩୬୩/୮

ନୂଆଦିଲ୍ଲୀ: ଶ୍ରୀଲଙ୍କା ଗସ୍ତରେ ଟିମ୍ ଇଣ୍ଡିଆ । ଆସନ୍ତା ୧୫ରୁ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ । ତେବେ ଏହା ପୂର୍ବରୁ ଏକ ଅଭ୍ୟାସ ମ୍ୟାଚ୍ ଖେଳାଯିବ । ଆଜିଠୁ ଏହି ଅଭ୍ୟାସ ମ୍ୟାଚ ଖେଳାଯାଇଛି। ଶ୍ରୀଲଙ୍କା ଏକାଦଶ ୮ ୱିକେଟ ହରାଇ ୩୬୩ ରନ୍ କରିଛି। ଫର୍ଣ୍ଣାଡୋ ୬୬ ରନ୍, ରସାନ୍ତୁ ୭୧ ରନ୍, ଦିନୁଶା ୫୨ ରନ୍, ମେଣ୍ଡିସ ୩୨, ରଥନାୟକେ ୩୯ ରନ୍, ସୁରିୟାବନାରା ୩୫ ରନ୍ କରିଥିବାବେଳେ ଭାରତ ପକ୍ଷରୁ ଜାଡେଜା, ସୁଥାର ଓ କୁଲଦୀପ ପ୍ରତ୍ୟେକ ୨ ଲେଖାଏଁ ୱିକେଟ ନେଓଇଛନ୍ତି।



ଏହି ମ୍ୟାଚ୍ ପାଇଁ ପ୍ରସ୍ତୁତ କରାଯାଇଥିବା ପିଚ୍‌ରେ ଅଧିକ ଘାସ ଥିବା ଦେଖି ଟିମ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଅସନ୍ତୋଷ ବ୍ୟକ୍ତ କରିଛି । କୋଚ୍ ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ଥିବା ଭାରତୀୟ ଦଳ ସ୍ପିନ୍ ପିଚ୍‌ରେ ଅଭ୍ୟାସ କରିବାକୁ ଆଶା ରଖିଥିଲା, କିନ୍ତୁ ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡର ଏହି ପଦକ୍ଷେପ ଦଳକୁ ଟିକେ ନିରାଶ କରିଛି ।

ଆଜିଠୁ କଲମ୍ବୋର ନନଡେସ୍କ୍ରିପ୍ଟସ କ୍ରିକେଟ୍ କ୍ଲବ୍ ଗ୍ରାଉଣ୍ଡରେ ଶ୍ରୀଲଙ୍କା ଏକାଦଶ ବିପକ୍ଷରେ ଭାରତ ଏହି ୱାର୍ମ-ଅପ୍ ମ୍ୟାଚ୍ ଆରମ୍ଭ ହୋଇଛି। । ସାଧାରଣତଃ ଶ୍ରୀଲଙ୍କାର ପିଚ୍ ସ୍ପିନରଙ୍କୁ ସୁହାଉଥିବା ବେଳେ ଅଭ୍ୟାସ ମ୍ୟାଚ୍ ପାଇଁ ପିଚ୍‌ରେ ସବୁଜ ଘାସ (ଗ୍ରୀନ୍ ପିଚ୍) ଛଡାଯାଇଛି । ରେଭସ୍ପର୍ଟଜ୍‌ର ଏକ ରିପୋର୍ଟ ଅନୁଯାୟୀ, ଏହା ଦେଖି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଅଭିଯୋଗ କରିଥିଲା ଯେ ପିଚ୍‌ରେ ଆବଶ୍ୟକତାଠାରୁ ଅଧିକ ଘାସ ରହିଛି । ଭାରତୀୟ ଦଳ ଆଗାମୀ ଟେଷ୍ଟ ସିରିଜ୍ ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ଏପରି ପିଚ୍ ସେମାନଙ୍କ ପ୍ରକୃତ ପ୍ରସ୍ତୁତିରେ ବାଧା ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। କାରଣ ମୁଖ୍ୟ ଟେଷ୍ଟ ମ୍ୟାଚ୍‌ଗୁଡ଼ିକ ସ୍ପିନ୍ ଟ୍ରାକ୍‌ରେ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଏନସିସି ଗ୍ରାଉଣ୍ଡର ଅଧିକାରୀ ଏ. ଫ୍ରାଙ୍କ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ପିଚ୍କୁ ସମର୍ଥନ କରି କହିଛନ୍ତି ଯେ, 'ଭାରତୀୟ ଦଳ ପିଚ୍‌ରେ ଅଧିକ ଘାସ ଥିବା କହିଛି, କିନ୍ତୁ ଏହା ଏକ ୩ ଦିନିଆ ମ୍ୟାଚ୍ ହୋଇଥିବାରୁ ଆମେ ଏପରି ରଖିଛୁ। ବିନା ଘାସରେ ୱିକେଟ୍ ଦେଲେ ତାହା ଜଲଦି ଖରାପ ହୋଇଯିବ।'

# ବିଦେଶରେ ଟି-୨୦ ଲିଗ୍ ଖେଳିବେ ରାହାଣେ

ନୂଆଦିଲ୍ଲୀ,୭।୮: ନିକଟରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିବା ଟିମ ଇଣ୍ଡିଆର ବ୍ୟାଟର ଅଜିଙ୍କ୍ୟ ରାହାଣେ ନିଜର ନୂଆ ଇନିଂସ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଆମଷ୍ଟରଡାମ୍ ଫ୍ଲେମ୍ସରେ ଷ୍ଟାର ଖେଳାଳି ଭାବେ ସାମିଲ ହୋଇଛନ୍ତି। ଅର୍ଥାତ ୟୁରୋପୀୟ ଟି-୨୦ ପ୍ରିମିୟର ଲିଗର ଉଦଘାଟନୀ ସଂସ୍କରଣରେ ସେ ଆମଷ୍ଟେରଡମ ପକ୍ଷରୁ ଖେଳିବେ। ୟୁରୋପୀୟ ଟି-୨୦ ପ୍ରିମିୟର ଲିଗ ଆସନ୍ତା ଅଗଷ୍ଟ ୨୬ରୁ ଆରମ୍ଭ ହେବ।



ଜୁଲାଇ ୩୦ରେ ରାହାଣେ ଅନ୍ତର୍ଜାତୀୟ କ୍ରିକେଟ ଓ କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ସେ ଭାରତ ପାଇଁ ୮୫ଟି ଟେଷ୍ଟ, ୯୦ଟି ଦିନିକିଆ ଓ ୨୦ଟି ଟି-୨୦ ଖେଳିଛନ୍ତି। ତାଙ୍କୁ ୨୦୨୩ ଜୁଲାଇରେ ଶେଷ ଥର ଭାରତ ପାଇଁ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ଦେଖିବାକୁ ମିଳିଥିଲା।

ଏହାପରେ ଜାତୀୟ ଟିମରୁ ସେ ବାଦ ପଡିଥିଲେ। କମବ୍ୟାକ ପାଇଁ ସେ ଅନେକ ଚେଷ୍ଟା କରିଥିଲେ ହେଁ ଏହା ସଫଳ ହୋଇ ନଥିଲା। ଶେଷରେ ସେ ଚଳିତ ବର୍ଷ ଜୁଲାଇ ୩୦ରେ ଲୁହଭିଜା ଆଖିରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିଲେ।

ଏବେ ସେ ବିଦେଶରେ ଟି-୨୦ ଲିଗ ଖେଳିବାକୁ ଯାଉଥିବା ଘୋଷଣା କରିଛନ୍ତି। ୟୁରୋପୀୟ ଟି-୨୦ ପ୍ରିମିୟର ଲିଗ ପକ୍ଷରୁ ରାହାଣେଙ୍କ ବିବୃତିକୁ ଶୁକ୍ରବାର ଜାରି କରାଯାଇଛି। ଏଥିରେ ସେ କହିଛନ୍ତି, "କ୍ରିକେଟ୍ ମୋତେ ବହୁତ କିଛି ଦେଇଛି। ମୁଁ ସବୁବେଳେ ବିଶ୍ୱାସ କରେ ଯେ ଜଣେ ଖେଳାଳିର ଦାୟିତ୍ୱ ହେଉଛି ସେ ଯେଉଁ ଖେଳକୁ ପାଇଛି, ତା'କୁ ଆହୁରି ଶକ୍ତିଶାଳୀ କରିବା। ୟୁରୋପ ଏବେ କ୍ରିକେଟ୍‌ରେ ଏକ ରୋମାଞ୍ଚକର ପର୍ଯ୍ୟାୟରେ ପ୍ରବେଶ କରୁଛି। ଏଠାରେ କ୍ରିକେଟର ବଡ ସମ୍ଭାବନା ରହିଛି।

ଆମଷ୍ଟରଡାମ୍ ଫ୍ଲେମ୍ସ ଗୋଟିଏ ଏଭଳି ସଂସ୍ଥା ପଡ଼ିଆ ଭିତରେ ଓ ବାହାରେ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବ। ମୁଁ ପରିଚାଳନା ଟିମ୍ ସହ କାମ କରି ଗୋଟିଏ ସଫଳ ଫ୍ରାଞ୍ଚାଇଜି ଗଢ଼ିବା ସହିତ ଆଗାମୀ ପିଢ଼ିକୁ ପ୍ରେରଣା ଦେବା ଓ ୟୁରୋପରେ କ୍ରିକେଟ୍‌ର ଭବିଷ୍ୟତକୁ ଆହୁରି ମଜବୁତ କରିବାକୁ ଉତ୍ସାହିତ।"

ରାହାଣେ ବର୍ତ୍ତମାନ ଇଂଲଣ୍ଡରେ ରହି 'ଦ ହଣ୍ଡ୍ରେଡ୍' ଟୁର୍ଣ୍ଣାମେଣ୍ଟରେ କମେଣ୍ଟେଟର ଭାବେ କାର୍ଯ୍ୟ କରୁଛନ୍ତି। ଆମଷ୍ଟରଡାମ୍ ଫ୍ଲେମ୍ସର ସହ ପ୍ରତିଷ୍ଠାତା ତଥା ଚିଫ୍ କ୍ରିକେଟ୍ ଅଫିସର ହେଉଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭ୍ ୱଗ। ସେ ରାହାଣେଙ୍କୁ ନିଜ ଦଳକୁ ସ୍ୱାଗତ କରିଛନ୍ତି।

ଅଜିଙ୍କ୍ୟ ରାହାଣେ ନିଜ କ୍ୟାରିୟରରେ କେବଳ ପ୍ରଦର୍ଶନ ପାଇଁ ନୁହେଁ, ବରଂ ପଡ଼ିଆ ଭିତରେ ଓ ବାହାରେ ନିଜର ଆଚରଣ ପାଇଁ ମଧ୍ୟ କ୍ରିକେଟ୍ ଜଗତରେ ସମ୍ମାନ ଅର୍ଜନ କରିଛନ୍ତି। ଚାପର ପରିସ୍ଥିତିରେ ତାଙ୍କର ଶାନ୍ତ ମନୋଭାବ ଓ ନେତୃତ୍ୱ ଗୁଣକୁ ମୁଁ ନିଜେ ଦେଖିଛି। ଏହି ଗୁଣଗୁଡ଼ିକ ଏକ ବିଜୟୀ ଦଳୀୟ ସଂସ୍କୃତି ଗଢ଼ିବାରେ ସହାୟକ ହୁଏ। ଆମଷ୍ଟରଡାମ୍ ଫ୍ଲେମ୍ସକୁ ୟୁରୋପର ଅନ୍ୟତମ ଶ୍ରେଷ୍ଠ କ୍ରିକେଟ୍ କ୍ଲବ୍‌ରେ ପରିଣତ କରିବା ସମୟରେ ତାଙ୍କ ଅଭିଜ୍ଞତା, ନେତୃତ୍ୱ ଓ ଚରିତ୍ର ଅମୂଲ୍ୟ ସାବ୍ୟସ୍ତ ହେବ ବୋଲି ୱଗ୍ କହିଛନ୍ତି। ଆଇପିଏଲ୍‌ରେ ରହାଣେ ୬ଟି ଦଳ ପାଇଁ ୨୧୨ଟି ମ୍ୟାଚ୍ ଖେଳି ୫,୩୬୭ ରନ୍ ସଂଗ୍ରହ କରିଥିଲେ। ୨୦୨୫ ଓ ୨୦୨୬ ସିଜନରେ ସେ କୋଲକାତା ନାଇଟ୍ ରାଇଡର୍ସର ଅଧିନାୟକ ମଧ୍ୟ ଥିଲେ। ଏହାଛଡ଼ା ୨୦୨୩ରେ ଚେନ୍ନାଇ ସୁପର କିଙ୍ଗ୍ସ ସହ ଆଇପିଏଲ୍ ଟାଇଟଲ୍ ଜିତିବାକୁ ସକ୍ଷମ ହୋଇଥିଲେ।

# ୨୮ ବର୍ଷରେ ପ୍ରଥମ: ହକି ବିଶ୍ୱକପ୍‌ରେ ନାହାଁନ୍ତି ଭାରତୀୟ ଅମ୍ପାୟାର

ନୂଆଦିଲ୍ଲୀ: ପ୍ରାୟ ୨୮ ବର୍ଷ ପରେ ପ୍ରଥମ ଥର ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ପରିଚାଳନା କରିବାରେ ଭାରତୀୟ ଅମ୍ପାୟର କି ବୈଷୟିକ ଅଧିକାରୀଙ୍କୁ ଦେଖିବାକୁ ମିଳିବେନି। ନେଦରଲାଣ୍ଡ୍‌ସ ଓ ବେଲ୍‌ଜିୟମରେ ଖେଳାଯିବାକୁ ଥିବା ଏଫଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ପରିଚାଳନା ଲାଗି ଘୋଷିତ ତାଲିକାରେ କେଣସି ଭାରତୀୟ ଅମ୍ପାୟାର କିମ୍ବା ବୈଷୟିକ ଅଧିକାରୀଙ୍କ ନାଁ ନାହିଁ। ଯାହା ଭାରତ ପାଇଁ ଲଜ୍ଜାର ବିଷୟ। ଏହାକୁ ନେଇ ପୂର୍ବତନ ଅନ୍ତର୍ଜାତୀୟ ଅମ୍ପାୟାରମାନେ ନିରାଶ ହେବା ସହ ଦେଶରେ ଅମ୍ପାୟାରିଂ ପାଇଁ ଏକ ଦୃଢ଼ ଓ ନିୟମିତ ପଥ ପ୍ରସ୍ତୁତ କରିବାକୁ ଦାବି ଉଠାଇଛନ୍ତି। ୧୯୯୮ ବିଶ୍ୱକପ୍ ପରେ ପ୍ରଥମ ଥର ଅମ୍ପାୟାରିଂ ପ୍ୟାନେଲ୍‌ରେ ଭାରତୀୟ ନଥିଲା ବେଳେ ୟୁରୋପୀୟ ଦେଶର ଅଧିକାରୀଙ୍କ ଦବ୍‌ଦବା ଅଧିକ ଦେଖିବାକୁ ମିଳିଛି। ଆଧୁନିକ ହକି ଇତିହାସରେ ଭାରତର ମାତ୍ର ୪ ଜଣ ପୁରୁଷ ବିଶ୍ୱକପ୍ ଅମ୍ପାୟାରିଂ କରିଛନ୍ତି। ସେମାନେ ହେଲେ ଅମରଜିତ୍ ସିଂହ ବାୱା (୧୯୯୦), ତର୍ଲୋକ ସିଂହ ଭୁଲ୍ଲାର (୧୯୯୪), ସତୀନ୍ଦର ଶର୍ମା (୨୦୦୨, ୨୦୦୬, ୨୦୧୦) ଓ ଆର୍ ଭି ରଘୁ ପ୍ରସାଦ (୨୦୧୦, ୨୦୧୪, ୨୦୧୮, ୨୦୨୩)। ହକି ଇଣ୍ଡିଆର ୨୦୨୫ ମେ' ମାସ ସୁଦ୍ଧା ହୋଇଥିବା ତାଲିକାରେ ୧୦୦ରୁ ଅଧିକ ପୁରୁଷ ଓ ୭୦ରୁ ଅଧିକ ମହିଳା ଅମ୍ପାୟାର ରହିଥିଲେ। ଏଫ୍‌ଆଇଏଚ୍ ଅନ୍ତର୍ଜାତୀୟ ପ୍ୟାନେଲରେ ମାତ୍ର ୬ ପୁରୁଷ ଓ ୪ ମହିଳା ଅମ୍ପାୟାର ରହିଛନ୍ତି। ଗତ ବର୍ଷ ରଘୁ ପ୍ରସାଦଙ୍କ ଅବସର ପରେ ପୁରୁଷ ଅମ୍ପାୟାର ସଂଖ୍ୟା କମିଯାଇଛି। ରଘୁପ୍ରସାଦ ପ୍ରଥମ ଏସୀୟ ଅମ୍ପାୟାର ଭାବେ ୨୦୦ ଅନ୍ତର୍ଜାତୀୟ ମ୍ୟାଚ୍ ପରିଚାଳନା କରିଛନ୍ତି।




## ପାଣ୍ଡ୍ୟାଙ୍କୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ, ୭।୮: ଆଇପିଏଲ୍ ୨୦୨୬ ସିଜନ ଶେଷ ହେବା ପରଠାରୁ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସରୁ ଅଲଗା ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଓଟଖ ୨୦୨୪ରେ ହାର୍ଦ୍ଦିକଙ୍କୁ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ କରାଯାଇଥିଲା। ସେତେବେଳେ ତାଙ୍କୁ ୫ ଥର ଦଳକୁ ଚାମ୍ପିୟନ କରାଇଥିବା ରୋହିତ ଶର୍ମାଙ୍କ ସ୍ଥାନରେ ଅଧିନାୟକ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ହାର୍ଦ୍ଦିକଙ୍କ ନେତୃତ୍ୱରେ ଗଓର ପ୍ରଦର୍ଶନ ନିରାଶାଜନକ ରହିଥିଲା। ଏଭଳି ସ୍ଥିତିରେ ଏବେ ତାଙ୍କ ଭବିଷ୍ୟତକୁ ନେଇ ଅନେକ ପ୍ରକାରର ଅଟକଳ ଲଗାଯାଉଛି। ପୂର୍ବରୁ ଦାବି କରାଯାଉଥିଲା ଯେ, ହାର୍ଦ୍ଦିକ ଗଓ ଛାଡ଼ି ଚେନ୍ନାଇ ସୁପର କିଙ୍ଗ୍ସରେ ସାମିଲ ହୋଇପାରନ୍ତି। କିନ୍ତୁ ଏବେ ସାମ୍ନାକୁ ଆସିଥିବା ଏକ ନୂଆ ରିପୋର୍ଟ ଅନୁସାରେ, ହାର୍ଦ୍ଦିକ ଆଇପିଏଲ୍ ୨୦୨୭ ପୂର୍ବରୁ କୋଲକାତା ନାଇଟ ରାଇଡର୍ସ (କକଜରେ ସାମିଲ ହୋଇପାରନ୍ତି। କେବଳ ସେତିକି ନୁହେଁ, ତାଙ୍କୁ ଦଳର ଅଧିନାୟକ ଦାୟିତ୍ୱ ମଧ୍ୟ ଦିଆଯାଇପାରେ।

## ବିଶ୍ୱ ୨୦ ବର୍ଷରୁ କମ୍ ଦୌଡକୁଦ

# ଜାତୀୟ ରେକର୍ଡ ସହ ଫାଇନାଲ୍‌ରେ ଅସ୍‌ଫାକ୍

ୟୁଗେନ,୭।୮:ଭାରତର ମହମ୍ମଦ ଅସ୍‌ଫାକ ୨୦ କମ୍ ଜାତୀୟ ରେକର୍ଡ ଭାଙ୍ଗିବା ସହ ଚଳିତ ଯୁବ ବିଶ୍ୱ ଦେଉକୁଦ ପ୍ରତିଯୋଗିତାର ପୁରୁଷ ୪୦୦ ମିଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ୧୯ ବର୍ଷୀୟ ଏହି ଭାରତୀୟ ମିଡିଲ୍ ଡିଷ୍ଟାନ୍ସ ରନର୍ ହିଟ୍-୫ରେ ନୂଆ ଜାତୀୟ ରେକର୍ଡ ସମୟ ୪୫.୮୧ ସେକେଣ୍ଡ ସହ ରେସ୍ ଶେଷ କରି ସେମିଫାଇନାଲ୍‌ରେ ପହଞ୍ଚିଥିଲେ। ପୂର୍ବରୁ ଏହି ରେକର୍ଡ ୪୬.୫ ସେକେଣ୍ଡ ତାଙ୍କ ନାଁରେ ଥିଲା।

ସେ ଗତ ଏପ୍ରିଲ୍‌ରେ ବେଙ୍ଗାଲୁରୁରେ ଆୟୋଜିତ ୨୦ ବର୍ଷରୁ କମ୍ ଫେଡେରେସନ୍ କପ୍‌ରେ ଏହା ହାସଲ କରିଥିଲେ। ସେମିଫାଇନାଲ୍ ହିଟ୍-୩ରେ ଅସ୍‌ଫାକ୍ ୪୬.୦୦ ସେକେଣ୍ଡ ସହ ତୃତୀୟ ସ୍ଥାନରେ ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲେ। ତାଙ୍କ ସାଥୀ ଭାରତୀୟ ରନର୍ ପୀୟୂଷ ରାଜ (୪୭.୭୮) ନିଜ ହିଟ୍‌ରେ ପଞ୍ଚମ ସ୍ଥାନରେ ରହି ଆଗକୁ ବି



ପାରିନାହାନ୍ତି। ପୁରୁଷ ଉଚ୍ଚଡିଆଁ ଫାଇନାଲ୍‌ରେ ବସନ୍ତ ୨.୧୪ ମିଟର ଲମ୍ଫ ମାରି ଗ୍ରୁପ୍-ଏ'ରେ ପଞ୍ଚମ ସ୍ଥାନରେ ରହି ଫାଇନାଲ୍‌ରେ ପହଞ୍ଚିଛନ୍ତି। ତେବେ ଗ୍ରୁପ୍-ବି'ରେ କେ ଅମ୍ବ୍ରିସ୍ ୨.୦୫ ମିଟର ଡେଇଁ ଫାଇନାଲ୍‌ରୁ ବଞ୍ଚିତ ହୋଇଥିଲେ। ମହିଳା ଡିସ୍କସ୍ ଫାଇନାଲ୍‌ରେ ଅମାନତ କମ୍ବୋଜ ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ ୫୩.୨୪ ମିଟର ପାଇଥିଲେ ମଧ୍ୟ ଷଷ୍ଠ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲେ। ଚୀନ୍‌ର ସୁ ୟିଜିନ୍ (୬୧.୦୬ ମିଟର) ସ୍ୱର୍ଣ୍ଣ ଜିତିଥିଲେ। ମହିଳା ସଟ୍‌ପୁଟ୍‌ରେ ଅଂଶୁ ୧୫.୨୪ ମିଟର ଥ୍ରୋ ସହ ୧୪ତମ ସ୍ଥାନରେ ରହି ଫାଇନାଲ୍ ଲାଗି ଯୋଗ୍ୟତା ଅର୍ଜନ କରି ପାରି ନାହାଁନ୍ତି।

# ପ୍ରଜ୍ଞାନନ୍ଦଙ୍କୁ ଜିସିଟି ସେଣ୍ଟ୍‌ଲୁଇସ୍ ରାପିଡ୍ ଓ ବ୍ଲିଜ୍ ମୁକୁଟ

ସେଣ୍ଟ୍‌ଲୁଇସ, ୭/୮: ଭାରତୀୟ ଗ୍ରାଣ୍ଡ ମାଷ୍ଟର ଆର୍ ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ଗ୍ରାଣ୍ଡ ଚେସ୍ ଟୁର୍ (ଜିସିଟି) ସେଣ୍ଟ୍‌ଲୁଇସ୍ ରାପିଡ୍ ଓ ବ୍ଲିଜ୍ ପ୍ରତିଯୋଗିତାରେ ବିଜେତା ହୋଇଛନ୍ତି। ୨୦ ବର୍ଷୀୟ ପ୍ରଜ୍ଞାନନ୍ଦ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଉଜବେକିସ୍ତାନ ଜିଏମ୍ ଜାଭୋଖିର ସିନ୍ଦାରୋଭ ବିପକ୍ଷରେ ଡ୍ର ସହ ବିଜୟ ପାଇ ଟ୍ରଫି ହାତେଇଥିଲେ। ୫ ଦିନିଆ ଏହି ପ୍ରତିଯୋଗିତାରେ ଆଧିପତ୍ୟ ବିସ୍ତାର କରିଥିବା ପ୍ରଜ୍ଞାନନ୍ଦଙ୍କଠୁ ସିନ୍ଦାରୋଭ ୧.୫ ପଏଣ୍ଟ ପଛରେ ପଡିଥିଲେ। ଏହି ମୁକୁଟ ସହ ଭାରତୀୟ ଜିଏମ୍ ୫୦,୦୦୦ ଡଲାର (ପ୍ରାୟ ୪୮ଲକ୍ଷ ଟଙ୍କା)ର ପୁରସ୍କାର ରାଶି ଓ ୧୩ ଜିସିଟି ପଏଣ୍ଟ କରାୟତ୍ତ କରିଛନ୍ତି। ଏଥିସହ ସେ ୨୦୨୬ ଋତୁ ଟେବୁଲରେ ଆମେରିକାର ଫାବିଆନୋ କାରୁଆନାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।



# ଭାରତୀୟ ମହିଳା ଦଳର ଦକ୍ଷିଣ ଆଫ୍ରିକା ଗସ୍ତ ସୂଚୀରେ ପରିବର୍ତ୍ତନ

ନୂଆଦିଲ୍ଲୀ,୭।୮: ଚଳିତ ବର୍ଷ ଡିସେମ୍ବର ମାସରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଦକ୍ଷିଣ ଆଫ୍ରିକା ଗସ୍ତ କରିବ। ଏହି ଗସ୍ତର କାର୍ଯ୍ୟସୂଚୀରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି। କ୍ରିକେଟ୍ ଦକ୍ଷିଣ ଆଫ୍ରିକା ଭାରତ ବିପକ୍ଷ ଘରୋଇ ମଲ୍ଟି-ଫର୍ମାଟ୍ ସିରିଜରେ ଅତିରିକ୍ତ ତିନୋଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ସାମିଲ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ଏହି ପୂରା ଗସ୍ତରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗୋଟିଏ ଟେଷ୍ଟ, ତିନୋଟି ଦିନିକିଆ ଏବଂ ତିନୋଟି ଟି-୨୦ ମ୍ୟାଚ୍ ଖେଳାଯିବ। ୨୦୨୭ ଫେବୃଆରୀରେ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ଆଇସିସି ମହିଳା ଚାମ୍ପିଅନ୍ସ ଟ୍ରଫିକୁ ଦୃଷ୍ଟିରେ ରଖି ଏହି ଟି-୨୦ ସିରିଜ୍ ଯୋଡ଼ା ଯାଇଛି । ଉଝଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଫୋଲେଟ୍ସି ମୋସେକି କହିଛନ୍ତି ଯେ, ଭାରତ ଭଳି ଶକ୍ତିଶାଳୀ ଦଳ ବିରୋଧରେ ଖେଳିବା ଦ୍ୱାରା ଦକ୍ଷିଣ ଆଫ୍ରିକା ଦଳକୁ ଚାମ୍ପିଅନ୍ସ ଟ୍ରଫି ପାଇଁ ଶ୍ରେଷ୍ଠ ପ୍ରସ୍ତୁତିର ସୁଯୋଗ ମିଳିବ। ନିକଟ ଅତୀତରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଛି। ଗତବର୍ଷ ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ଭାରତ ଦକ୍ଷିଣ ଆଫ୍ରିକାକୁ ହରାଇ ବିଶ୍ୱ ବିଜୟୀ ହୋଇଥିଲା । ତେବେ ଚଳିତ ବର୍ଷ ଟି-୨୦ ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ଭାରତକୁ ପରାସ୍ତ କରିଥିଲା। ଏବେ ଘରୋଇ ପରିବେଶରେ ଚାମ୍ପିଅନ୍ ଭାରତୀୟ ଦଳକୁ ସାମ୍ନା କରିବାକୁ ଦକ୍ଷିଣ ଆଫ୍ରିକା ପ୍ରସ୍ତୁତ।

ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ:

ଭାରତର ଏହି ଗସ୍ତ ଡିସେମ୍ବର ୯ରୁ ଗକେବରହାରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ସହ ଆରମ୍ଭ ହେବ। ଟେଷ୍ଟ ମ୍ୟାଚ୍: ୯-୧୨ ଡିସେମ୍ବର (ଗକେବରହା) । ଦିନିକିଆ ସିରିଜ୍: ୧୬ ଡିସେମ୍ବର (ପାର୍ଲ), ୧୯ ଡିସେମ୍ବର (କେପ୍‌ଟାଉନ୍) ଏବଂ ୨୨ ଡିସେମ୍ବର (ବ୍ଲୋମଫୋଣ୍ଟେନ୍)। ଟି-୨୦ ସିରିଜ୍: ୨୬ ଡିସେମ୍ବର (ବେନୋନି), ୨୯ ଓ ୩୦ ଡିସେମ୍ବର (ପୋଚ୍‌ଫେଷ୍ଟ୍ରୁମ୍)। ତିନୋଟିଯାକ ଫର୍ମାଟରେ ଏହି ସିରିଜ୍ ଉଭୟ ଦଳର ଖେଳାଳିଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ କରିବ।

# କୋରିଆ ମାଷ୍ଟର୍ସ: ଅଟକିଲେ ତନ୍ୱୀ

## ସେମିରେ ରକ୍ଷିତା, ଅସ୍ମିତା

ଆସାନ୍(କୋରିଆ): ଚଳିତ କୋରିଆ ଓପନ୍‌ର ମହିଳା ଏକକ କ୍ୱାର୍ଟରଫାଇନାଲ୍‌ରେ ଅଟକି ଯାଇଛନ୍ତି ନିକଟରେ ତାଇପେଇ ଓପନ୍ ବିଜୟିନୀ ହୋଇଥିବା ତନ୍ୱୀ ଶର୍ମା। ଏହି ୧୭ ବର୍ଷୀୟା ବାଳିକା ଗୁରୁବାର କଡା ସଂଘର୍ଷ କରି ତାଙ୍କ ସାଥୀ ଭାରତୀୟ ଖେଳାଳି ରକ୍ଷିତା ରାମରାଜ ୨୧-୧୮, ୧୯-୨୧, ୧୯-୨୧ରେ ହାରି ଯାଇଥିଲେ। ଏହି ବିଜୟ ସହ ରକ୍ଷିତା ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି।

ସେହିପରି ଅନ୍ୟ ଏକ ମହିଳା ଏକକ କ୍ୱାର୍ଟରଫାଇନାଲ୍‌ରେ ଭାରତର ଅସ୍ମିତା ଚାଲିହା ୨୦-୨୨, ୨୧-୧୫, ୨୧-୧୯ରେ ଶୀର୍ଷ ମାନ୍ୟତାପ୍ରାପ୍ତ ହିନା ଆକେଚିଙ୍କୁ ହରାଇ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି। ତେବେ ମହିଳା ଓ ମିଶ୍ରିତ ଯୁଗଳରେ ଭାରତୀୟଙ୍କ ଅଭିଯାନ ଶେଷ ହୋଇଛି। ମହିଳା ଯୁଗଳରେ ସୋନାଲି ସିଂହ ଓ ରିତିକା ଠକର ୧୫-୨୧,



୯-୨୧ରେ ସପ୍ତମ ମାନ୍ୟତାପ୍ରାପ୍ତ ଜାପାନ ଯୋଡଇ ସୁମିରେ ନକାଡେ ଓ ମିୟୁ ତାକାହାସିଙ୍କଠୁ ହାରି ବିଦାୟ ନେଇଛନ୍ତି। ସେହିଭଳି ମିଶ୍ରିତ ଯୁଗଳରେ ଷଷ୍ଠ ମାନ୍ୟତାପ୍ରାପ୍ତ ଇଶାନ ଭଟନଗର ଓ ଶ୍ରୁତି ମିଶ୍ରା ୧୬-୨୧, ୨୧-୧୬, ୧୩-୨୧ରେ ଦକ୍ଷିଣ କୋରିଆର ସିନ୍ ତାଏ-ୟାଙ୍ଗ ଓ କିମ୍ ୟୁ ଜୁଙ୍ଗ୍‌ଙ୍କଠୁ ପରାସ୍ତ ହୋଇଛନ୍ତି।

## କନିଷ୍ଠ ଏସିଆ କପ୍ ଲାଗି ଭାରତୀୟ ଦଳ ଘୋଷିତ

# ଅଧିନାୟକ ଅନମୋଲଙ୍କ ସହ ଓଡିଶାରୁ ୭

ଭୁବନେଶ୍ୱର: ଓଡିଆ ଡିଫେଣ୍ଡର ଅନମୋଲ ଏକ୍କା ଆଗାମୀ ଏଏଚ୍‌ଏଫ୍ କନିଷ୍ଠ ଏସିଆ କପରେ ଭାରତୀୟ ପୁରଷ ଦଳର ନେତୃତ୍ୱ ନେବେ। ଚୀନ୍‌ରେ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ଲାଗି ତାଙ୍କ ନେତୃତ୍ୱରେ ଘୋଷିତ ୧୮ ଜଣିଆ ଦଳରେ ଓଡିଶାରୁ ୭ ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲି ବିବେକ ଲାକ୍ରା, ଡିଫେଣ୍ଡର ଅନମୋଲ ଏକ୍କା, ରୋହିତ କୁଲୁ, ସଞ୍ଜିତ ତିର୍କି, ମିଡ୍‌ଫିଲ୍ଡର ଆଦ୍‌ରୋହିତ ଏକ୍କା, ଫରୱାର୍ଡ ଆର୍ଯ୍ୟନ ଖେସ୍ ଏବଂ ଅଲଟରନେଟ୍ ଖେଳାଳି ରିତିକ ଲାକ୍ରା। ଏହି ଦଳ ସଂପ୍ରତି ବେଙ୍ଗାଲୁରୁସ୍ଥିତ ସାଇ କେନ୍ଦ୍ରଠାରେ ନୂଆ ପ୍ରଶିକ୍ଷକ ଫରେଡେରିକ୍ ସୋୟେଜଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଚଲାଇଛନ୍ତି।

ଭାରତୀୟ କନିଷ୍ଠ ହକି ଦଳ

ଭାରତୀୟ କନିଷ୍ଠ ହକି ଦଳ: ଗୋଲି- ବିବେକ ଲାକ୍ରା, କୁନାଲ ତିୱାରିଆ, ଡିଫେଣ୍ଡର- ଅନମୋଲ ଏକ୍କା,



ରୋହିତ କୁଲୁ, ଚିରାଗ, ରବିନ୍ଦର, ଅଶୁ ମୌର୍ଯ୍ୟ, ସଞ୍ଜିତ ତିର୍କି, ସୁଖବିନ୍ଦର, ମିଡ୍‌ଫିଲ୍ଡର- ଆଦ୍‌ରୋହିତ ଏକ୍କା, ହରପାଲ୍, ଜିତ୍‌ପାଲ୍, ମନମୀତ ସିଂହ ରାଇ, ଫରୱାର୍ଡ- ଅଜିତ ଯାଦବ, ପ୍ରଭଦୀପ ସିଂହ, ଗୁରସେବକ ସିଂହ, ଆର୍ଯ୍ୟନ ଖେସ୍, ଲଭ୍‌ନୂର ସିଂହ। ଅଲଟରନେଟ୍ ଖେଳାଳି- ଅର୍ଜୁନ ସନ୍ତୋଷ ହରଗୁଡେ, ରିତିକ ଲାକ୍ରା।

# ଶ୍ରୀଲଙ୍କା ବିପକ୍ଷରେ ଭାରତ ଖେଳିବ ୬୦୦ତମ ଟେଷ୍ଟ

ନୂଆଦିଲ୍ଲୀ,୭।୮ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଭାରତୀୟ କ୍ରିକେଟ ଦଳ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ହେବାକୁ ଯାଉଛି। ଶ୍ରୀଲଙ୍କା ଗସ୍ତରେ ଥିବା ଟିମ୍ ଇଣ୍ଡିଆ ଗାଲେ ସ୍ଥିତ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ନିଜର ୬୦୦ତମ ଟେଷ୍ଟ ମ୍ୟାଚ୍ ଖେଳିବାକୁ ମଇଦାନକୁ ଓହ୍ଲାଇବ। ଏହି ମାଇଲଖୁଣ୍ଟ ଛୁଇଁବାରେ ଭାରତ ବିଶ୍ୱର ତୃତୀୟ ଦେଶ ଭାବେ ଉପଲବ୍ଧି ହାସଲ କରିବ। ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଏହି ସ୍ମରଣୀୟ ମ୍ୟାଚ୍‌କୁ ଜିତି ଶ୍ରୀଲଙ୍କା ମାଟିରେ ବିଜୟରୁ ସିରିଜ୍ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି।ଏ ପର୍ଯ୍ୟନ୍ତ ସର୍ବାଧିକ ଟେଷ୍ଟ ମ୍ୟାଚ୍ ଖେଳିବାର ରେକର୍ଡ ଇଂଲଣ୍ଡ ନାଁରେ ରହିଛି। ୧୮୭୭ରୁ ଏ ପର୍ଯ୍ୟନ୍ତ ଇଂଲଣ୍ଡ ୧୦୭୭ ଟେଷ୍ଟ ମ୍ୟାଚ୍ ଖେଳିଛି। ଅନ୍ୟପଟେ ଭାରତ ୧୯୩୨ରୁ ଅଦ୍ୟାବଧି ୫୯୯ ଟେଷ୍ଟ ମ୍ୟାଚ୍ ଖେଳିଛି।ଟେଷ୍ଟ କ୍ରିକେଟରେ ଭାରତର ପ୍ରଦର୍ଶନ ଓ ରେକର୍ଡ୧୯୩୨ ମସିହାରେ ନିଜର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିବା ଭାରତୀୟ ଦଳ ଏପର୍ଯ୍ୟନ୍ତ ମୋଟ ୫୯୯ଟି ଟେଷ୍ଟ ମ୍ୟାଚ୍ ଖେଳିସାରିଛି। ଏହି ଦୀର୍ଘ ଯାତ୍ରାରେ ଭାରତର ରେକର୍ଡ ନିମ୍ନଲିଖିତ ଭାବେ ରହିଛି:ମୋଟ ମ୍ୟାଚ୍: ୫୯୯, ବିଜୟ: ୧୮୬, ପରାଜୟ: ୧୮୮,ଡ୍ର : ୨୨. ଟାଇ : ୧ ।ବିଶ୍ୱର ସବୁଠାରୁ ଅଧିକ ଟେଷ୍ଟ ଖେଳିଥିବା ଶୀର୍ଷ ଦେଶ-ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ ଅଧିକ ମ୍ୟାଚ୍ ଖେଳିବାର ରେକର୍ଡ ଇଂଲଣ୍ଡ ନାମରେ ରହିଛି।ଇଂଲଣ୍ଡ: ୧୦୯୭ ମ୍ୟାଚ୍ (୪୦୫ ବିଜୟ, ୩୩୬ ପରାଜୟ), ଅଷ୍ଟ୍ରେଲିଆ: ୮୮୨ ମ୍ୟାଚ୍ (୪୨୬ ବିଜୟ, ୨୩୫ ପରାଜୟ), ଭାରତ: ୫୯୯ ମ୍ୟାଚ୍ (୧୮୬ ବିଜୟ, ୧୮୮ ପରାଜୟ), ୱେଷ୍ଟଇଣ୍ଡିଜ: ୫୯୬ ମ୍ୟାଚ୍ (୧୮୭ ବିଜୟ, ୨୨୩ ପରାଜୟ), ପାକିସ୍ତାନ: ୪୭୧ ମ୍ୟାଚ୍ (୧୫୨ ବିଜୟ, ୧୫୨ ପରାଜୟ), ଭାରତ-ଶ୍ରୀଲଙ୍କା ଟେଷ୍ଟ ସିରିଜ୍ ସୂଚୀ (୨୦୨୬)।

ପ୍ରଥମ ଟେଷ୍ଟ: ୧୫ ରୁ ୧୯ ଅଗଷ୍ଟ (ଗାଲେ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍, ଗାଲେ), ଦ୍ୱିତୀୟ ଟେଷ୍ଟ: ୨୩ ରୁ ୨୭ ଅଗଷ୍ଟ (ସିଂହଲିଜ୍ ସ୍ପୋର୍ଟସ୍ କ୍ଲବ୍, କୋଲମ୍ବୋ)।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982